ଧରିତ୍ରୀ
DHARITRI
ରାୟଗଡା, ରବିବାର, ୭ ଏପ୍ରିଲ, ୨୦୧୯



## ସଂକ୍ଷେପରେ

### ଟିପ୍ପର- ବାଇକ ଧକ୍କା ,୨ ଆହତ

ଡାବୁଗାଁ, ୬।୪ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡାବୁଗାଁ - ବୋରିଗାଁ ମୁଖ୍ୟ ରାସ୍ତା ଡ଼ଙ୍ଗରିଗୁଡା ଗ୍ରାମ ଛକ ନିକଟରେ ଶନିବାର ଏକ ଟିପ୍ପର ଓ ମୋଟରସାଇକେଲ ଧକ୍କା ହେବା ଫଳରେ ୨ ଜଣ ଆହତ ହୋଇଛନ୍ତି। ଡାବୁଗାଁ ବ୍ଲକର ବୋରିଗାଁ ପଞ୍ଚାୟତ ଅଧୀନ ପରଶୁବେଡା ଗ୍ରାମର କୃଷ ଭତ୍ରା (୩୦) ଓ ମଦନ ରାଉତ (୨୨) ଏକ ବାଇକରେ (ନଂ.ସିଜି୧୭କେସି ୮୩୩୭) ଗାଡି ଯୋଗେ ଡାବୁଗାଁ ଆସୁଥିବା ସମୟରେ ଡ଼ଙ୍ଗରିଗୁଡା ଛକ ନିକଟରେ ଏକ ବାଲି ବୋଝେଇ ଟିପର ଗାଡି (ନଂ ଓଡି୨୪ସି୭୨୨୬) ପଛପଟୁ ଧକ୍କା ଦେଇଥିଲା। ଫଳରେ ମୋଟରସାଇକେଲରେ ଥିବା କୁଶ ଓ ମଦନ ଆହତ ହୋଇଥିଲେ । ଆହତ ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ସେଠାରେ କୃଷଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଟିପର ଡ୍ରାଇଭର ଫେରାର ଥିବା ଜଣାପଡିଛି । ପ୍ରତିଦିନ ଏହି ରାସ୍ତାରେ ଟିପରରେ ବାଲି ବୋଝେଇ ହୋଇ ଜିଲା ବାହାରକୁ ଚୋରା ଚାଲାଣ ହେଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି ।

### ମେଡିକାଲ ପରିସରରେ ସଫେଇ



ଝରିଗାଁ,୬।୪(ସ୍ୱ.ପ୍ର)- ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଶନିବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଏଥିରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ସିମନା ଗଣ୍ଡ, ପିଏଚ୍ୟୁ ଏ.କେ ଗାଇନ୍, ବିପିଏମଓ ଜଗନ୍ନାଥ ମିଶ୍ର, ଫର୍ମାସିଷ୍ଟ ପ୍ରଦିପ୍ତ କୁମାର ମିଶ୍ର, ରାକେଶ ବେହୁରା, ଆଶିଷ କୁମାର ବେହେରା, ସୁପରଭାଇଜର ଗୋପାଳକୃଷ୍ଣ ପାଢୀ, ହରି ଜାନୀ, ସୁରେନ୍ଦ୍ର କୁମାର ସାହୁ, ବିଭୁ ସାନ୍ତା, କିଶୋର ସାନ୍ତା, ଆଶାଲତା ପାଢୀ, ଗୌରୀଶଙ୍କର ପ୍ରମୁଖ ଉପସ୍ଥିତି ରହି ମେଡିକାଲ ପରିସରରେ, ମୁଖ୍ୟ ଫାଟକରେ ରହିଥିବା ଅବର୍ଜନାକୁ ପ୍ରାୟ ୨ ଘଣ୍ଟା ଧରି ସଫେଇ କରିଥିଲେ। ଏପରି ପ୍ରତ୍ୟେକ ମାସରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଡାକ୍ତର ସିମନା ଗଣ୍ଡ ପ୍ରକାଶ କରିଛନ୍ତି।

### ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଜି ନବରଙ୍ଗପୁର ବନ୍ଦ

ନବରଙ୍ଗପୁର,୬।୪(ବି.ପ୍ର)-ପ୍ରଦୀପ ମାଝିଙ୍କ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରବିବାର ନବରଙ୍ଗପୁର ବନ୍ଦ ଡାକରା ଦିଆଯାଇଛି। ରବିବାର ସକାଳ ୬ଟାରୁ ପୂର୍ବାହ୍ନ ୧୧ ଟା ପର୍ଯ୍ୟନ୍ତ ନବରଙ୍ଗପୁର ବନ୍ଦ ରହିବ ବୋଲି ବିଜେଡି ନଗର ସଭାପତି ପ୍ରମୋଦ ରଥ କହିଛନ୍ତି ।

# ବିଜେଡି ଷ୍ଟାର କ୍ୟାମ୍ପେନରଙ୍କ ପ୍ରଚାର

ରାଇଘର,୬।୪ (ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ମିନି ଷ୍ଟାଡିୟମରେ ବିଜେଡିର ନିର୍ବାଚନ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଭାଜପା ଓ କଂଗ୍ରେସ ଉପରେ ବର୍ଷିଥିଲେ।

କେନ୍ଦ୍ରୀୟ ନେତା ୫ ବର୍ଷ ହେବ କୁଆଡେ ଥିଲେ। ଏବେ ଭୋଟ ପାଇ ଆସୁଛନ୍ତି। ଆଦିବାସୀ ପିଲାମାନଙ୍କ ମୁହଁରୁ ହସ ଛଡାଇବା ପାଇଁ କେବିକେ ଯୋଜନା ବନ୍ଦ କରିଛନ୍ତି। ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ବିଭିନ୍ନ ଯୋଜନା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଷ୍ଟାର କ୍ୟାମ୍ପେନର ସବ୍ୟସାଚୀ ମିଶ୍ର, ରିୟା,



ରାଇଘରଠାରେ ବିଜେଡିର ଷ୍ଟାର କ୍ୟାମ୍ପେନରମାନେ ପ୍ରଚାର କରୁଛନ୍ତି ।

ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ଯୋଗ ଦେଇ ବିଜେଡି ପାଇଁ ଭୋଟ ମାଗିଥିଲେ। ହାସ୍ୟ ଅଭିନେତା ପ୍ରଜ୍ଞା ଓ ଶଙ୍କର ବିଜେଡିର ସମସ୍ତ ଯୋଜନାକୁ ଗୀତ ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇଥିଲେ । ଏଥିରେ ଉମରକୋଟ ବ୍ଲକ ସୁକୁଗାଁ ଓ ବୋକଦା ପଞ୍ଚାୟତର ଭାଜପା ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ଯୋଗ ଦେଇଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ



ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାରେ ଉପସ୍ଥିତ କର୍ମୀ ଓ ଜନସାଧାରଣ ।

### ହେଲିକପ୍ଟର ଅବତରଣ ବେଳେ ଉଡିଲା ଧୂଳି

ମୈଇଦଲପୁର ଠାରେ ଆୟୋଜିତସଭା ସ୍ଥଳ ନିକଟରେ ହେଲିପ୍ୟାଡ ରହିଥିଲା। ହେଲିକପ୍ଟର ଅବତରଣ ସମୟରେ ଧୂଳି ଉଡିଥିଲା। ଯାହାକି ଜନସାଧାରଣ ଓ ଭୋଟର, ଖବରଦାତାଙ୍କ ଉପରକୁ ଉଡିଥିଲା ।

### ଖରାରେ ଠିଆ ହେଲେ ଖବରଦାତା

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ପାଇଁ ରାଇଘର, ଝରିଗାଁ, ମୈଦଲପୁର ଓ ନବରଙ୍ଗପୁର ଠାରେ ମଞ୍ଚ କରାଯିବା ସହ ଜନସାଧାରଣଙ୍କ ବସିବା ପାଇଁ ଟେଣ୍ଟ କରାଯାଇଥିଲା । ମଞ୍ଚ ସମ୍ମୁଖ ଡି. ଯୋନ ଭିତରେ ପ୍ରବେଶ ନିଷେଧ କରିଥିଲା । ଖବରଦାତାଙ୍କ ବସିବା ଓ ଠିଆ ହେବା ପାଇଁ କୌଣସି ବ୍ୟବସ୍ଥା ନଥିଲା । ଏପରିକି ପିଇବା ପାଣି ବ୍ୟବସ୍ଥା ମଧ୍ୟ କରାଯାଇନଥିଲା । ସମ୍ମୁଖ ଭାଗରେ ଠିଆ ହୋଇ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ସମୟରେ ପଛପଟେ ଥିବା ଲୋକଙ୍କୁ କିଛି ଦେଖା ଯାଉନଥିଲା । ଏନେଇ ଲୋକମାନେ ଆୟୋଜକଙ୍କୁ ସମାଲୋଚନା କରିଥିଲେ ।

■ ଝରିଗାଁ ଥାନା ପରିସରରେ ମହୁମାଛି ଆତଙ୍କ

# ୧୫ ଯବାନ ଗୁରୁତର

ଝରିଗାଁ,୬।୪(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ଥାନା ପରିସରରେ ମହୁ ମାଛି ଆକ୍ରମଣରେ ୧୫ ଜଣ ଆହାତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଝରିଗାଁକୁ ନିର୍ବାଚନ ଗସ୍ତରେ ଆସି ଫେରିଛନ୍ତି। କୋରାପୁଟରୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ସକାଶେ ଆସିଥିବା ଯବାନମାନେ ଥାନା ପରିସରରେ ରହିଥିଲେ। ଏହି ସମୟରେ ମହୁମାଛି ଆକ୍ରମଣରେ ସେମାନେ ଆହତ ହୋଇଥିଲେ। ଆହାତ ଯବାନମାନେ ହେଲେ ଚନ୍ଦ୍ରଭାନୁ ବାରିକ, ପିତାମ୍ବର ପାଣ୍ଡେ, ଚନ୍ଦନ କୁମାର ସ୍ୱାଇଁ, ଜିତେନ୍ଦ୍ର ଦାସ, ସଦାନନ୍ଦ ବାରିକ, ସନ୍ଦିପ କୁମାର ସାହୁ, ଚୈତନ୍ୟଦାସ ସିଂ, ଟି. ସୁନିଲ ଦୋରା, ସୂର୍ଯ୍ୟନାରାୟଣ ପ୍ରଧାନ, ଭୈରବ ପ୍ରସାଦ ମଣ୍ଡଳ, ସୌମ୍ୟଜିତ ମଲିକ, କଲ୍ୟାଣ କୁମାର ସେଠୀ, ସୁରେନ୍ଦ୍ର ମିଠା ଏବଂ ରଞ୍ଜିତ ସାମନ୍ତ । ଝରିଗାଁ ଥାନା ପରିସରରେ ମହୁମାଛି ଆତଙ୍କ ଦିନକୁ ଦିନ ବଢିବାରେ ଲାଗିଛି। ଗତ ଦୁଇ ମାସ ମଧ୍ୟରେ ଶତାଧିକ ଲୋକ ମହୁ ମାଛି ଦଂଶନରେ ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହୋଇଥିବା ଦେଖାଦେଇଅଛି। ସ୍ଥାନୀୟ ପୋଲିସ କାର୍ଯ୍ୟାଳୟ କୋଠାରୁ କିଛି ମହୁ ମାଛି ଫେଣା କାଢିବାରେ ସଫଳ ହୋଇଥିବା ବେଳେ ପରିସରରେ ରହିଥିବା ଗଛରେ ଆହୁରି ୨୦ରୁ ଅଧିକ ମହୁ ଫେଣା ରହିଛି।



ଯବାନମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

## ପଞ୍ଚୁଦଣ୍ଡ ମହାମିଳନ ଯାତ୍ରା

ଆସିକା,୬।୪(ଡି.ଏନ୍.ଏ.)- ଆସିକା ବ୍ଲକ୍‌ନିରାଳ ଗ୍ରାମରେ ଶନିବାର ପଞ୍ଚୁଦଣ୍ଡ ମହାମିଳନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାରେ ଜାହାଡା, ମାଗୁରାପୁଞ୍ଜା, ପଙ୍କଲବାଡି, ଇନ୍ଧନପୁର ଓ ସାହାସପୁର ଦଣ୍ଡନାଚ ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରଚଣ୍ଡ ରୌଦ୍ରରେ ମଧାହ୍ନରେ ଗାଁ ଦାଣ୍ଡରେ ଦଣ୍ଡୁଆଙ୍କ ପକ୍ଷରୁ ଧୂଳିଦଣ୍ଡ କରାଯାଇଥିଲା ବେଳେ ଅପରାହ୍ନରେ ପାଣିଦଣ୍ଡ ପରେ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମାଞ୍ଚଳର ଭରପୁର ଶ୍ରଦ୍ଧାଳୁଙ୍କ ସମାଗମରେ ନିରାଳ ଗ୍ରାମ ଉତ୍ସବମୁଖର ହୋଇ ଉଠିଥିଲା।

## ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା



ଝରିଗାଁଠାରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

ଡାବୁଗାଁ/ଝରିଗାଁ, ୬।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ୨ ଟି କେନ୍ଦ୍ରରେ ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି । ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୪୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ । ଏହି ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁ ସାହୁକାର ଏବଂ ଇନଭିଜିଲେଟର ୧୬ ଜଣ ପରୀକ୍ଷା ଦାୟିତ୍ୱରେ ଥିଲେ । ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅଞ୍ଜଳି ବିଶ୍ୱାସ ଉପସ୍ଥିତ ଥିଲେ। ସେହିପରି ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ୮୬ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇ ଥିଲେ । ଏଠାରେ ପର୍ଯ୍ୟବେକ୍ଷକ ଭାବେ ବାଣିଶ୍ରୀ ଉପଧାୟ ଉପସ୍ଥିତ ଥିଲେ । ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ୨ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ ।ଝରିଗାଁ ବ୍ଲକ ସଦରମହକୁମା ସ୍ଥିତ ନୋଡାଲ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶନିବାର ୪୧୧ ଛାତ୍ରୀଛାତ୍ର ନବୋଦୟ ପରୀକ୍ଷା ଦେଇଛନ୍ତି। ପରୀକ୍ଷା ସୂଚାରୁ ଭାବେ ପରିଚାଳନା କରାଯାଇଥିବା ନେଇ ପରୀକ୍ଷା ସୁପରିଣ୍ଟେଣ୍ଡେଣ୍ଟ ବିରେନ୍ଦ୍ର କୁମାର ପାଢୀ ପ୍ରକାଶ କରିଛନ୍ତି।

# କଂଗ୍ରେସ ପାଇଁ ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରଚାର

ରାଇଘର,୬।୪ (ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ମୁଣ୍ଡିବେଡା ପଞ୍ଚାୟତର ଗୁଚାଗୁଡା ଗ୍ରାମରେ ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀ ଟି.ଏସ୍. ସିଂ ଯୋଗଦେଇ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି । ମନ୍ତ୍ରୀ ସିଂ ଗୁଚାଗୁଡା ପହଞ୍ଚିବାରେ ବିଳମ୍ବ ହୋଇଥିବାରୁ ପ୍ରଥମେ ପ୍ରଶାସନ ଉପରେ ବର୍ଷିଥିଲେ । ସେ କହିଥିଲେ ଯେଉଁ ସରକାର ହେଲିକପ୍ଟର ପାଇଁ ଜାଗା ଦେଇପାରୁ ନାହାନ୍ତି ସେ ଆପଣଙ୍କୁ ୩୫ କିଲୋ ଚାଉଳ କେମିତି ଦେବେ ବୋଲି କହିଥିଲେ । ଆପଣମାନଙ୍କୁ ୫ କିଲୋ ଚାଉଳ ନା ୩୫ କିଲୋ ଚାଉଳ ଦରକାର ବୋଲି ଜନସାଧାରଣଙ୍କୁ କହିଥିଲେ। ଗରିବ ଦୂରକରିବା ପାଇଁ ରାହୁଲ ଗାନ୍ଧିଙ୍କ ହାତକୁ ମଜଭୁତ କରନ୍ତୁ । ଛତିଶଗଡରେ କଂଗ୍ରେସ ସରକାର ଆସିବା ପରେ କଣ ପରିବର୍ତ୍ତନ ହୋଇଛି ଆପଣମାନେ ଜାଣିଥିବେ । କଂଗ୍ରେସ ସରକାର ଆସିଲେ ପ୍ରଥମେ କୃଷି ଋଣ ଛାଡ କରାଯିବ, କେନ୍ଦ୍ରରେ କଂଗ୍ରେସ ଆସିଲେ ସମସ୍ତ ଗରିବ ପରିବାରକୁ ବର୍ଷକୁ ୭୨ ହଜାର ଟଙ୍କା ଦିଆଯିବ । ସମସ୍ତ ପରିବାରକୁ ମାଗଣାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ଯେତେ ଟଙ୍କା ଆବଶ୍ୟକ ସେହି ପରିବାରକୁ ଯୋଗାଇ ଦିଆଯିବ। ଜଳ ଓ ଜଙ୍ଗଲ ଅଧିକାର ଦେବା ସହ ସମସ୍ତ ପରିବାରଙ୍କୁ ଅତିକମ୍ ରେ ଘରଡିହ ପଟ୍ଟା ପ୍ରଦାନ କରାଯିବ । ସେଥିପାଇଁ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ , ବିଧାୟକ ପାର୍ଥୀ ଯଶୋଦା ଗଣ୍ଡଙ୍କୁ ଭୋଟଦେଇ ନିର୍ବାଚନରେ ବିଜୟ କରାନ୍ତୁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଂପାଦକ, ଅନିଲ ଚୈଧୁରୀ, ଏଆଇସିସି ସଦସ୍ୟ ମନୋଷା ତ୍ରୀପାଠୀ , ଜିଲା ସଭାପତି ମୁନା ତ୍ରିପାଠୀ , ଉମରକୋଟ ବିଧାୟକ ପ୍ରାର୍ଥୀ ଯଶୋଦା ଗଣ୍ଡ,ଜତିନ୍ଦ୍ର ଗଣ୍ଡ , ତପନ ଦେବନାଥ , କମଲ ବାଛାର , ରାଜେନ୍ଦ୍ର ସାହୁ , ଛତିଶଗଡରୁ ଦୀପକ କର୍ମା , ଧନିରାମ ମାରକାମ, ଜେଠୁ ରାମ ମାରକାମ ଉପସ୍ଥିତ ଥିଲେ।




ଛତିଶଗଡ ସ୍ୱାସ୍ଥ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି ।


### ପୂର୍ବ ତଟ ରେଳପଥ

କେସ୍ ଟୁ କେସ୍ (Case to Case) ଭିତ୍ତିରେ ପେଶାଗତ (Professional)ସେବା ପ୍ରଦାନ ନିମନ୍ତେ ପୂର୍ବ ତଟ ରେଳପଥ କେନ୍ଦ୍ରୀୟ ଚିକିତ୍ସାଳୟ, ମଞ୍ଚେଶ୍ୱରରେ ପରାମର୍ଶଦାତା ନିଯୁକ୍ତି

ବିଜ୍ଞାପନ ସଂଖ୍ୟା. ECoR/BBS/MD/CH/BBS/Case To Case Consultants Engagement- 2018-19, ତା.11.03.2019ରିଖ

ଏହି ସନ୍ଦର୍ଭରେ ନିମ୍ନବର୍ଣ୍ଣିତ ବିଷୟ (Discipline)ରେ ପରାମର୍ଶଦାତା ନିଯୁକ୍ତି କରାଯିବ ।

| କ୍ର.ସଂ. | ବିଶେଷଜ୍ଞ / ବିଶିଷ୍ଟ ବିଶେଷଜ୍ଞ | ଯୋଗ୍ୟତା |
|---|---|---|
| 01. | ଏମ୍‌ଡ଼ି (ଶିଶୁ ବିଶେଷଜ୍ଞ) ନବଜାତ ଶିଶୁ ଯତ୍ନର ଅଭିଜ୍ଞତା ସହିତ (ବିଶେଷଜ୍ଞ) | ଏମ୍‌ଡ଼ି (ଶିଶୁ ବିଶେଷଜ୍ଞ) ନବଜାତ ଶିଶୁ ଯତ୍ନର ଅଭିଜ୍ଞତା ସହିତ |
| 02. | ଅର୍ଥୋପେଡିକ୍ ସର୍ଜରୀ (ବିଶେଷଜ୍ଞ) | MS (ଅର୍ଥୋପେଡିକ୍) (Orthopaedic) |
| 03. | ଅନ୍‌କୋ ସର୍ଜରୀ (Onco Surgery) (ବିଶିଷ୍ଟ ବିଶେଷଜ୍ଞ) | ସର୍ଜିକାଲ ଅନ୍‌କୋଲୋଜିରେ MCH କିମ୍ବା ଅନୁରୂପ |
| 04. | ପ୍ଲାଷ୍ଟିକ୍ ସର୍ଜରୀ (ବିଶିଷ୍ଟ ବିଶେଷଜ୍ଞ) | MCH (ପ୍ଲାଷ୍ଟିକ୍ ସର୍ଜରୀ) (Plastic Surgery) |
| 05. | GI ସର୍ଜରୀ (ବିଶିଷ୍ଟ ବିଶେଷଜ୍ଞ) | ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିରେ MCH କିମ୍ବା ଅନୁରୂପ |
| 06. | ମୂତ୍ର ବିଜ୍ଞାନ (Urology)(ବିଶିଷ୍ଟ ବିଶେଷଜ୍ଞ) | MCH (ମୂତ୍ର ବିଜ୍ଞାନ) (Urology) |
| 07. | ସ୍ନାୟୁ ବିଜ୍ଞାନ (ବିଶିଷ୍ଟ ବିଶେଷଜ୍ଞ) | DM (ସ୍ନାୟୁ ବିଜ୍ଞାନ) (Neurology) |
| 08. | ହୃଦ୍‌ରୋଗ ବିଜ୍ଞାନ (Cardiology)(ବିଶିଷ୍ଟ ବିଶେଷଜ୍ଞ) | DM (ହୃଦ୍‌ରୋଗ ବିଜ୍ଞାନ) (Cardiology) |
| 09. | ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି (ବିଶିଷ୍ଟ ବିଶେଷଜ୍ଞ) | DM (ଗ୍ୟାଷ୍ଟ୍ରୋଲୋଜି) (Gastrology) |
| 10. | ନେଫ୍ରୋଲୋଜି (Nephrology)(ବିଶିଷ୍ଟ ବିଶେଷଜ୍ଞ) | DM (ନେଫ୍ରୋଲୋଜି) (Nephrology) |
| 11. | ସର୍ଜିକାଲ ଏଣ୍ଡୋସ୍କୋପିକ୍ ଅଭିଜ୍ଞତା ସହିତ MD(Obst & Gynec) (ବିଶେଷଜ୍ଞ) | MD (Obst & Gynec) ସର୍ଜିକାଲ ଏଣ୍ଡୋସ୍କୋପିକ୍ ଅଭିଜ୍ଞତା ସହିତ |
| 12. | ଚକ୍ଷୁରୋଗ ବିଜ୍ଞାନ(Opthalmology)(ବିଶେଷଜ୍ଞ) | MS (ଚକ୍ଷୁରୋଗ ବିଜ୍ଞାନ)(Opthalomology) |
| 13. | ନିଶ୍ଚେତକ ବିଜ୍ଞାନ (ବିଶେଷଜ୍ଞ) | MD (ନିଶ୍ଚେତକ ବିଜ୍ଞାନ) |

ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକତା ଅନୁଯାୟୀ ରୋଗୀ ଦେଖାଶୁଣା କିମ୍ବା ଅସ୍ତ୍ରୋପଚାର ନିମନ୍ତେ ସେମାନଙ୍କୁ ଡ଼କାଯିବ । ପ୍ରଦାନଯୋଗ୍ୟ ପାରିଶ୍ରମିକ ଅନୁସୂଚୀ ନିମ୍ନପ୍ରକାର ଅଟେ :

| କ୍ର.ସଂ. | ସେବା | ପାରିଶ୍ରମିକ ରାଶି (ଟଙ୍କାରେ) |
|---|---|---|
| 01. | ବିଶିଷ୍ଟ ବିଶେଷଜ୍ଞ ପରାମର୍ଶ | ପ୍ରଥମ ପରାମର୍ଶ-ଟ. 1,000/-(ସେହି ପରିଦର୍ଶନ (Visit) କ୍ଷେତ୍ରରେ ପରବର୍ତ୍ତୀ ପରାମର୍ଶ ପାଇଁ ଟ. 200/-ପ୍ରତି ମାମଲା ନିମନ୍ତେ) |
| 02. | ବିଶେଷଜ୍ଞ ପରାମର୍ଶ | ପ୍ରଥମ ପରାମର୍ଶ-ଟ. 1,000/-(ସେହି ପରିଦର୍ଶନ (Visit) କ୍ଷେତ୍ରରେ ପରବର୍ତ୍ତୀ ପରାମର୍ଶ ପାଇଁ ଟ. 200/-ପ୍ରତି ମାମଲା ନିମନ୍ତେ) |
| 03. | ସ୍ୱତନ୍ତ୍ର ଶଲ୍ୟ ଚିକିତ୍ସା | ପ୍ରତି ମାମଲା ନିମନ୍ତେ-ଟ. 16,000/-,ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ । |
| 04. | ବଡ଼ଧରଣର ଶଲ୍ୟ ଚିକିତ୍ସା | ପ୍ରତି ମାମଲା ନିମନ୍ତେ-ଟ. 8,000/-ରୁ ଟ. 12,000/-,ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ । |
| 05. | ଛୋଟ ଧରଣର ଶଲ୍ୟ ଚିକିତ୍ସା | ପ୍ରତି ମାମଲା ନିମନ୍ତେ-ଟ. 2,000/-ରୁ ଟ. 4,000/-,ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ । |
| 06. | ନିଶ୍ଚେତକ ଦେୟ | ବଡ଼ ଧରଣର ମାମଲା-ଟ.2700/-, ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ । ଛୋଟ ଧରଣର ମାମଲା-ଟ. 1800/-, ପ୍ରିଅପରେଟିଭ୍, ଅପରେଟିଭ୍ ଏବଂ ପୋଷ୍ଟ ଅପରେଟିଭ୍ ପରିଦର୍ଶନ (Visit) ସହିତ । |

ଉପରୋକ୍ତ ମାମଲାଗୁଡ଼ିକରେ ଯୋଗ ଦେବା ନିମନ୍ତେ କୌଣସି ପ୍ରକାର ଯାତାୟାତ ଖର୍ଚ୍ଚ ଦିଆଯିବ ନାହିଁ । ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି https://www.eastcoastrail.indianrailways.gov.in/uploads/files/1552647595581-case%20to%20case.pdf ଅବଲୋକନ କରନ୍ତୁ ।

ଇଚ୍ଛୁକ ଡାକ୍ତରମାନେ ସେମାନଙ୍କର ପେଶାଗତ କାର୍ଯ୍ୟ ଅଭିଜ୍ଞତା ଏବଂ ଯୋଗାଯୋଗ ସମ୍ପର୍କିତ ସବିଶେଷ ବିବରଣୀ ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର 30 ଦିନ ଭିତରେ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017ଙ୍କୁ ସମ୍ବୋଧନ କରି ନିଜର ବାୟୋଡାଟା ଦାଖଲ କରିପାରିବେ ।

ଚିକିତ୍ସା ନିର୍ଦ୍ଦେଶକ / କେନ୍ଦ୍ରୀୟ ଚିକିତ୍ସାଳୟ / ଭୁବନେଶ୍ୱର

PR - 08/K/19-20


### ବାମଣ ମୁଣ୍ଡାଗୁଡାବାସୀ ସରକାରୀ ଯୋଜନାରୁ ବଞ୍ଚିତ

# ଭୋଟ ବର୍ଜନ କରିବେ ଗ୍ରାମବାସୀ

ପାପଡାହାଣ୍ଡି, ୬।୪ (ଡି.ଏନ.ଏ )

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ବାମଣ ମୁଣ୍ଡାଗୁଡ଼ା ଗ୍ରାମବାସୀ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବାରୁ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏହି ଗ୍ରାମର ଉପର ସାହିରେ ୩୨ ଓ ତଳ ସାହିରେ ବସବାସ କରନ୍ତି ୩୫ ପରିବାର। ଜନ ସଂଖ୍ୟା ୪୦୦ରୁ ଉର୍ଦ୍ଧ୍ୱ । ଆଶ୍ଚର୍ଯ୍ୟର ବିଷୟ ଦୁଇ, ତିନୋଟି ପରିବାରକୁ ଛାଡିଦେଲେ, ଏ ପର୍ଯ୍ୟନ୍ତ ଗ୍ରାମର କାହାକୁ ଆବାସ ଯୋଜନାରେ ସାମିଲ କରାଯାଇନାହିଁ । ଚାଳ ଛପର ଘର ହିଁ ଲୋକେ ବସବାସ କରନ୍ତି । ଘରଟିଏ ପାଇବା ଲାଗି ଆବାସ ଯୋଜନାରେ ସାମିଲ କରିବା ଲାଗି ବାରମ୍ବାର ନିବେଦନ କଲେ ବି କେହି ଶୁଣୁ ନଥିବା ଲୋକେ ଅଭିଯୋଗ କରିଛନ୍ତି । କିଛି ଲୋକଙ୍କ ନାରେ ଆସୁଥିବା କାର୍ଯ୍ୟାଦେଶ ଅନ୍ୟଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି । ଉପର ସାହିରେ ୩୨ ପରିବାରକୁ ଗୋଟିଏ ନଳକୂପ ଥିବା ବେଳେ ତଳ ସାହିରେ ୩୫ ପରିବାର ଲାଗି ସ୍କୁଲ ନଳକୂପକୁ ମିଶାଇ ରହିଛି ୨ ଟି ନଳକୂପ ରହିଛି। ପ୍ରବଳ ଖରା ଯୋଗୁଁ ସେଥିରୁ ବି କମ ପାଣି ଭାରୁଛି । ହାଣ୍ଡିଏ ପାଣି ଲାଗି ନଳକୂପ ନିକଟରେ ମହିଳାଙ୍କ ଭିଡ଼ ଲାଗି ରହୁଛି । ଗ୍ରାମବାସୀଙ୍କ ଲାଗି ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଉନାହିଁ । ଖରା ଦିନେ ଗ୍ରାମରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡୁଛି । ସେହିପରି ଗ୍ରାମରେ କାହା ଘରେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ କରାଯାଇନାହିଁ । କିଛି ଲୋକଙ୍କ ଘର ଆଗରେ ବାଲି, ପଥର ପକାଯାଇଥିଲା କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ସେଗୁଡିକୁ ଉଠାଇ ନିଆଯାଇଥିଲା । ବାଧ ହୋଇ ଲୋକେ ବାହାରକୁ ଶୌଚ ହେବାକୁ ଯାଉଥିବା କହିଛନ୍ତି । ଡୁମର ଯାନୀ, ସୋନମତି ଯାନୀ, ଡାଳିମ୍ବ ଦେଇ ଯାନୀ, କନକଦେଇ ଯାନୀ, ସୁମନି ଯାନୀ, ଘାସିରାମ ଯାନୀ, ସାଲିମ ଯାନୀ, ଫୁଲସିଂ ଯାନୀ, ଭାଗିରଥି ଯାନୀ, ମୂଳା ଯାନୀ, ଚିତ୍ତ ଯାନୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ସେମାଙ୍କୁ ସାମିଲ କରାଯାଉନାହିଁ । ଗ୍ରାମର ସମସ୍ୟା ନେଇ ସେମାନେ ସ୍ଥାନୀୟ ସରପଞ୍ଚ ଓ ପ୍ରଶାସନ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ନିର୍ବାଚନ ଆସିଲେ ପ୍ରାର୍ଥୀମାନେ ଆସି ପ୍ରତିଶ୍ରୁତି ଦେଉଛନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କୁ ଅଣଦେଖା କରୁଛନ୍ତି । ତେଣୁ ନିର୍ବାଚନରେ କାହାକୁ ଭୋଟ ଦେବୁ ନାହିଁ ବୋଲି ଲଖଣ ଯାନୀ, ଡୁମର ଯାନୀ, ନକୁଳ ଯାନୀ, ମଧୁସୂଦନ ପାଇକ, କୃଷ୍ଣ ଯାନୀ, ଧନର ଯାନୀ, କନକଦେଇ ଯାନୀ, ମୂଳାବତୀ ଯାନୀ, ସୁମନି ଯାନୀ, ଡାଳିମ୍ବ ଦେଇ ଯାନୀ ପ୍ରମୁଖ ଗ୍ରାମବାସୀ କହିଛନ୍ତି ।



ଅଭିଯୋଗ କରୁଥିବା ଗ୍ରାମବାସୀ

■ ଆବାସ ଯୋଜନାରେ ସାମିଲ କରାଯାଉ ନାହିଁ

■ ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମର ଜଣକ ଘରେ ବି ପାଇଖାନା ନାହିଁ

■ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

## ବାର୍‌ହା ମାଂସ ଜବତ

ଜଗନ୍ନାଥପ୍ରସାଦ,୬।୪(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ସଂରକ୍ଷିତ ଜଙ୍ଗଲ ଅଧୀନରେ ଥିବା ୬ନଂ. କମ୍ପାର୍ଟମେଣ୍ଟ ତାଳପଙ୍କା ଜଙ୍ଗଲରୁ ଶନିବାର ଜଣେ ଶିକାରୀଙ୍କୁ ବନବିଭାଗ କର୍ମଚାରୀମାନେ ଗିରଫ କରିଛନ୍ତି। ସେ ହେଲେ ତାଳପଙ୍କା ଗ୍ରାମର କୃଷ୍ଣ ନାଇକ। ବାର୍‌ହା ଶିକାର କରି ନିକଟସ୍ଥ କାଜୁ ଜଙ୍ଗଲରେ ମାଂସ କାଟୁଥିବା ଖବର ପାଇ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର କରଙ୍କ ନିର୍ଦ୍ଦେଶରେ ବିଭାଗୀୟ କର୍ମଚାରୀ ଚଢାଉ କରିଥିଲେ। ସେଠାରୁ ୪୦ କେଜି ବାରହା ମାଂସ, କାତି , ୨୦ଟି କାଚ ବୋତଲ ୨ କେଜି ଜିଆଇ ତାର ୨୦ଟି ବାଉଁଶ କାଠିଜବତ କରିଥିଲେ।

## ହିନ୍ଦୁ ନବ ବର୍ଷ ପାଳନ

ଡାବୁଗାଁ, ୬।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ଠାରେ ଶନିବାର ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ଗ୍ରାମର ସମସ୍ତ ଯୁବ ଗୋଷ୍ଠୀ ମିଳିତ ହୋଇ ଜୟନ୍ତୀନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ନିକଟରୁ ଏକ ବାଇକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଯୁବକ ମାନେ ଉପସ୍ଥିତ ଥିଲେ ।








ଦୁଇ ପ୍ରାର୍ଥୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।



ଶାସ୍ତ୍ରୀ ମଇଦାନ ସମାବେଶରେ ବିଜେଡି ନେତୃବୃନ୍ଦ ଓ ସମବେତ ଜନତା ।

# କୁନ୍ଦୁରା ସମାବେଶରେ କେନ୍ଦ୍ରକୁ ଟାର୍ଗେଟ୍

## ■ ରମେଶ ମାଝି, ପଦ୍ମିନୀ ଦିଆନଙ୍କ ପାଇଁ ଭୋଟ୍ ନିବେଦନ କଲେ ନବୀନ

କୁନ୍ଦୁରା,୬।୪(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମଇଦାନରେ ଶନିବାର ଅପରାହ୍ନରେ ଆୟୋଜିତ ନିର୍ବାଚନୀ ସମାବେଶକୁ ସମ୍ବୋଧିତ କରି ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଉପରେ ବର୍ଷିଛନ୍ତି। ସେ ପ୍ରଥମେ 'ଜୟ ଜଗନ୍ନାଥ' କହି ଅଭିଭାଷଣ ଆରମ୍ଭ କରିଥିବା ବେଳେ ନବରଙ୍ଗପୁର ଲୋକ ସଭା ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝି ଏବଂ କୋଟପାଡ଼ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ପଦ୍ମିନୀ ଦିଆନଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବ ପାଇଁ ଅନୁରୋଧ କରିଛନ୍ତି। ଦୀର୍ଘବର୍ଷ ଧରି କୋଟପାଡ଼ରେ କଂଗ୍ରେସ ଗଡ଼ ତିଆରି କରିଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀ ଏକ ପ୍ରକାର ସମ୍ପୂର୍ଣ୍ଣ ଅଣଦେଖା ହୋଇ ରହିଛି। ଚଳିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳକୁ ଏଠାରେ ସୁଯୋଗ ଦେବା ପାଇଁ କହିଥିଲେ।

ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଉପରେ ବିଭିନ୍ନ ପ୍ରସଙ୍ଗରେ ବର୍ଷିଥିଲେ। ଚାଷୀଙ୍କ କ୍ଷେତ୍ରରେ ଏମ୍ଏସ୍ପି ଦୁଇଗୁଣା ବୃଦ୍ଧି ପ୍ରତିଶ୍ରୁତି କୁଆଡ଼େ ଗଲା। ଚାଷୀଙ୍କ ପାଇଁ ଆସୁଥିବା ବୀମା ଟଙ୍କା କେନ୍ଦ୍ର ସରକାର କାହିଁକି ବନ୍ଦ କରିଛନ୍ତି। ଓଡ଼ିଶାରେ କାମ କରୁଥିବା ସମସ୍ତ ଚାଷୀଙ୍କ ପ୍ରତି କେନ୍ଦ୍ର ସରକାର ଅନ୍ୟାୟ କରୁଛନ୍ତି। ପୂର୍ବରୁ ଆଦିବାସୀ ଏବଂ ହରିଜନ ଛାତ୍ରୀଛାତ୍ରଙ୍କ ନିମନ୍ତେ ଆସୁଥିବା ଛାତ୍ରବୃତ୍ତିକୁ କେନ୍ଦ୍ର ସରକାର କାହିଁକି ବନ୍ଦ କଲେ । ମହାନଦୀ ପାଣି ପାଇଁ କେନ୍ଦ୍ର ସରକାର ବିଚାର ନ କରି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ଏବଂ ମିଛ କଥା କହି ନିର୍ବାଚନୀ ବୈତରଣୀ ପାର ହେବାକୁ ଚାହୁଁଛନ୍ତି । କୁଆଡେ ଗଲା ଯୁବକମାନଙ୍କୁ ଦେଇଥିବା ଚାକିରିର ପ୍ରତିଶ୍ରୁତି ଏବଂ କୁଆଡ଼େ ଗଲା ନବରଙ୍ଗପୁର ରେଳ ଲାଇନ । ଓଡ଼ିଶାରେ ବନ୍ୟାବାତ୍ୟା ସମୟରେ କେନ୍ଦ୍ର ସରକାର ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚି ପାରୁ ନ ଥିବା ଏବଂ ଓଡ଼ିଶାକୁ ସହାୟତା ଦେଇ ନ ଥିବା କେନ୍ଦ୍ର ସରକାର ବର୍ତ୍ତମାନ ଓଡ଼ିଶାବାସୀଙ୍କୁ ଭୂଆଁ ବୁଲାଇ ଭୋଟ ଭିକ୍ଷା କରୁଛନ୍ତି । କିନ୍ତୁ ଓଡ଼ିଶାବାସୀ ତାର ସଠିକ୍ ଜବାବ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ରାଜ୍ୟରେ ସରକାର କରିବାର ଗୋଟିଏ ଦିନ ମଧ୍ୟରେ କାଳିଆ ଯୋଜନାର ସମସ୍ତ ଟଙ୍କା ଚାଷୀ ଖାତାରେ ଜମା କରିବା ନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ବିଗତ ଦିନରେ ଦୁରୁଆ ଜାତିର (ଜନଜାତି) ଛାତ୍ରୀଛାତ୍ର ଅନ୍ୟ ଆଦିବାସୀ ଛାତ୍ରୀଛାତ୍ରଙ୍କ ଭଳି ସୁବିଧା ପାଇବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା କେରିମିଟି ପଞ୍ଚାୟତ ବୁଦାଗୁଡ଼ାରେ ଘୋଷଣା କରିଥିଲେ। ତେଣୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ଦୁରୁଆ ପରିବାର ସବୁ ଯୋଗ ଦେଇଥିଲେ । ଏମ୍ପି ପ୍ରାର୍ଥୀ ରମେଶ ମାଝି କହିଛନ୍ତି ଯେ, ସେମାନେ କିଭଳି ଭାବେ ଭୋଟରଙ୍କ ନିକଟତର ହୋଇପାରିବେ, ସେହି ପ୍ରସ୍ତୁତି କରି ନିର୍ବାଚନ ମଇଦାନରେ ଓହ୍ଲାଇଛୁ। ଭୋଟର ଚାହିଁଲେ ଏଠାରେ ରହିଥିବା ଗଡ଼ ବଦଳିବ। ବିଜେଡି ରାଜ୍ୟ ଓ ଏଠାରେ କ୍ଷମତାକୁ ଆସିଲେ ଚାଷୀଙ୍କ ନିମନ୍ତେ ଜଳସେଚନ ସୁବିଧା, ବିଭିନ୍ନ ଗ୍ରାମରେ ହୋଇ ନ ଥିବା ରାସ୍ତା ନିର୍ମାଣ ତଥା ଗମନାଗମନର ସୁବିଧା, ବିଭିନ୍ନ ସ୍ଥାନରେ ହୋଇଥିବା ନଦୀ ଉପରେ ସେତୁ ଖୁବ୍ ଶୀଘ୍ର ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ଗୁଣପୁରରେ ଭାଜପାର ରୋଡ୍ ଶୋ

ଗୁଣପୁର,୬।୪(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ଭାଜପା ପକ୍ଷରୁ ରୋଡ ଶୋ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ମୋଟରସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଭାଜପା ବିଧାୟକ ପ୍ରାର୍ଥୀ ଶିଶିର ଗମାଙ୍ଗ କର୍ମୀମାନଙ୍କୁ ଧରି ବିକ୍ରମପୁରଠାରୁ ରୋଡ଼ ଶୋରେ ବାହାରିଥିଲେ । ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ନେଇ ଅବଗତ କରିଥିଲେ । ଏଥିରେ ତାଙ୍କ ବାପା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ ଏବଂ ମାଆ ପୂର୍ବତନ ଏମ୍ପି ହେମା ଗମାଙ୍ଗ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ନଗରସଭାପତି ଅନିଲ ସାହୁକାର, ବ୍ଲକ ସଭାପତି ବନ୍ଧୁ ଶବର, ଉଦୟ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।



ଭାଜପା ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା ।

## ■ ମାଓବାଦୀଙ୍କ ଟାର୍ଗେଟରେ ସାଧାରଣ ନିର୍ବାଚନ

# ଆତଙ୍କରେ ନେତା, ଆଶଙ୍କାରେ ଜନତା

ଜୟପୁର,୬।୪(ନି.ପ୍ର.)

> ଭୋଟରମାନେ ଅଧିକରୁ ଅଧିକ ଭୋଟ ଦିଅନ୍ତୁ । ଭୟଭୀତ ହେବାର ଆବଶ୍ୟକତା ନାହିଁ।
>
> - ଆଇପିଏସ୍ ତଥା ଜୟପୁର ଏସ୍ଡିପିଓ ସାଗରିକା ନାଥ

ଆସନ୍ତା ୧୧ ତାରିଖ ସାଧାରଣ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ତେବେ ଲାଲବାହିନୀ ଗଡ଼ କୁହାଯାଉଥିବା ଅବିଭକ୍ତ କୋରାପୁଟ ଜିଲାର ମାଓବାଦୀ ପ୍ରବଣ ବିଭିନ୍ନ ଅଞ୍ଚଳରେ ଶୃଙ୍ଖଳିତ ନିର୍ବାଚନ ପରିଚାଳନା କରିବା ପ୍ରଶାସନ ଓ ପୋଲିସ ପାଇଁ ଏକ ଆହ୍ୱାନ ନିଶ୍ଚୟ ହେବ। ଏଠାରେ ମାଓବାଦୀମାନେ ଭୋଟ ବର୍ଜନ କରିବା ପାଇଁ ଆହ୍ୱାନ ଦେବା ସହ ଏହା ନ ମାନିଲେ ମୃତ୍ୟୁଦଣ୍ଡ ଦିଆଯିବ ବୋଲି ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଇ ସାରିଛନ୍ତି। ଏହି ଅଞ୍ଚଳରୁ ପ୍ରାର୍ଥୀ ହୋଇଥିବା ବିଭିନ୍ନ ଦଳର ନେତା ବାହାରକୁ ପ୍ରକାଶ ନକଲେ ମଧ ଆତଙ୍କିତ ମନରେ ପ୍ରଚାର ଚଳାଇଛନ୍ତି। ତେଣୁ ଏ ପେରିପ୍ରେକ୍ଷୀରେ ଅବିଭକ୍ତ କୋରାପୁଟ ଜିଲାରେ ମତଦାନ କେତେ ଅବାଧ ହେବ, ତାହା ବଡ଼ ପ୍ରଶ୍ନ।

ଅବିଭକ୍ତ କୋରାପୁଟ ସୀମାନ୍ତରେ ଗୋଟିଏ ପଟେ ଛତିଶଗଡ଼ ରହିଥିବା ବେଳେ ଅନ୍ୟପଟେ ରହିଛି ଆନ୍ଧ୍ର। ଆନ୍ଧ୍ର–ଓଡ଼ିଶା–ଛତିଶଗଡ଼ ସୀମାନ୍ତରେ ମାଓବାଦୀଙ୍କ ଉପଦ୍ରବ ଲାଗିରହିଥିବା ବେଳେ ଏବେ ଏହା ଆଭ୍ୟନ୍ତରୀଣ ଅଞ୍ଚଳକୁ ବ୍ୟାପିବାକୁ ଲାଗିଛି। ତେଣୁ ନିର୍ବାଚନ ବେଳେ ମାଓବାଦୀ ଉପଦ୍ରବ ଅଞ୍ଚଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ଦିଗରେ ନିର୍ବାଚନ କମିଶନର ଗୁରୁତ୍ୱାରୋପ କରିଛନ୍ତି। ସୁରକ୍ଷା ବ୍ୟବସ୍ଥା ନେଇ ଜିଲା ଓ ରାଜ୍ୟସ୍ତରୀୟ ପୋଲିସ ଅଧିକାରୀଙ୍କ ସହ ସୀମାନ୍ତ ରାଜ୍ୟର ପୋଲିସ ମିଳିତ ବୈଠକ ବାରମ୍ବାର କରିଛି। ମାଓବାଦୀ ସଂଗଠନ ପକ୍ଷରୁ ଭୋଟ ବର୍ଜନ ପାଇଁ ଧମକ ଦିଆଯିବା ପରେ ଜିଲାରେ ମତଦାନ ହାର ହ୍ରାସ ପାଇବା ଆଶଙ୍କା ସୃଷ୍ଟି ହୋଇଛି। ନିର୍ବାଚନ ତାରିଖ ଘୋଷଣା ପରଠାରୁ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଜିଲା ସହ କୋରାପୁଟ ଜିଲାର ଉପାନ୍ତ ଅଞ୍ଚଳରେ ମାଓବାଦୀମାନେ ପୋଷ୍ଟର ମାଧ୍ୟମରେ ନିଜ ଉପସ୍ଥିତି ଜାହିର କରି ଭୋଟ୍ ବର୍ଜନ ପାଇଁ ଚେତାବନୀ ମଧ ଦେବା ଆରମ୍ଭ କଲେଣି। ଏଇ ୪ ଦିନ ତଳେ ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଦିଗାପୁର ଛକ ନିକଟରେ ୩ଟି ମାଓବାଦୀ ପୋଷ୍ଟର ପୋଲିସ ଜବତ କରିଥିଲା। ସେଥିରେ ଭୋଟ୍ ବର୍ଜନ ପାଇଁ ଆହ୍ୱାନ ଦେଇଥିଲା ଗୁମ୍ମା ମାଓବାଦୀ ଡିଭିଜନ। ସ୍ଥାନୀୟ ଅଞ୍ଚଳର କେତେ ଜଣଙ୍କୁ ହତ୍ୟା ଧମକ ମଧ ସେହି ପୋଷ୍ଟରରେ ଦିଆଯାଇଥିଲା। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଯଥେଷ୍ଟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନ ଗଲେ ଭୋଟ କେନ୍ଦ୍ର ପରିଚାଳନା କରିବା ପାଇଁ ସରକାରୀ କର୍ମଚାରୀମାନେ ସାହସ କରିବେ ନାହିଁ।

କୋରାପୁଟ ଜିଲାରେ ୧୧୪୧ଟି ଭୋଟ୍ ଗ୍ରହଣ କେନ୍ଦ୍ର ଥିବାବେଳେ ୯ ଲକ୍ଷରୁ ଅଧିକ ମତଦାତା ରହିଛନ୍ତି । ମାଓବାଦୀ ପ୍ରବଣ ଅଞ୍ଚଳରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ଦେବାର ବ୍ୟବସ୍ଥା ଥିବାବେଳେ ଅନ୍ୟ ଅଞ୍ଚଳରେ ସନ୍ଧ୍ୟା ୬ଟା ଯାଏଁ ମତଦାନ ହେବ। ଭୋଟ ପରିଚାଳନା କରୁଥିବା କର୍ମଚାରୀ ଇଭିଏମ୍, ଭିଭିପାଟ ମେଶିନ ଧରି ଫେରିବା ସମୟରେ ମାଓବାଦୀଙ୍କ ଟାର୍ଗେଟର ଶିକାର ହେବା ଆଶଙ୍କା ରହିଛି। ସେମାନଙ୍କୁ ପ୍ରତିହତ କରିବା ପାଇଁ ଆଇଟିବିପି, ବିଏସ୍ଏଫ, ସିଆରପିଏଫ, ଆଇଆରବିଏନ, କୋବ୍ରା ବାଟାଲିୟନ ସହ ରାଜ୍ୟ ପୋଲିସ ମୁତୟନ ହେବା ପାଇଁ ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି।

# କଂଗ୍ରେସ ସମର୍ଥନରେ ପ୍ରଚାର ଆରମ୍ଭ କଲା ସିପିଆଇ

ଜୟପୁର,୬।୪(ନି.ପ୍ର.)

## ବିଜେଡିକୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ



ପ୍ରଚାର ଗାଡ଼ି ସହ ସିପିଆଇ ନେତା ।

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଚଳିତ ଲୋକସଭା ଓ ବିଧାନସଭା ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରି ପ୍ରଚାର ଆରମ୍ଭ କରିଛି । ରାଜ୍ୟରେ ବିଜେଡି ସରକାର ୧୯ ବର୍ଷ ଶାସନ କରିଛି। କିନ୍ତୁ ବେକାରୀ ବଢ଼ିଛି। ରାଜ୍ୟର ପିଲାମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି। ନାରୀ ନିର୍ଯାତନା ବଢ଼ିବା ସହ ଅଫିସର ରାଜ୍ ବଢ଼ିଛି। ଏଭଳି ସ୍ଥାଣୁ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ସିପିଆଇ ଆହ୍ୱାନ ଦେଇଛି । ସେହିପରି ଭାଜପା ନେତୃତ୍ୱରେ ଏନ୍ଡିଏ ସରକାର ଏ ଦେଶର ଐକ୍ୟ, ଅଖଣ୍ଡତା, ଭାଇଚାରା ନଷ୍ଟ କରିବା ସହ ଦେଶର ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି କରିଛି । ଦେଶରେ ବେକାରୀ, ଚାଷୀ ଆତ୍ମହତ୍ୟା, ଦୁର୍ନୀତି ବୃଦ୍ଧି ପାଇବା ସହ ଦରଦାମ୍ ବଢ଼ିଛି। ସିବିଆଇ, ଇଡି, ସିଡିସି, ସିଇସି, ସିଆଇସି ଭଳି ସମସ୍ତ ସାମ୍ବିଧାନିକ ସଂସ୍ଥା ଛାରଖାର କରି ଦିଆଗଲାଣି । ୨୦୧୪ ନିର୍ବାଚନରେ ନରେନ୍ଦ୍ର ମୋଦି ଦେଇଥିବା ପ୍ରତିଶ୍ରୁତି ୫ ବର୍ଷ ପରେ ମଧ ପାଳନ କରିବାରେ ବିଫଳ ହୋଇଛନ୍ତି। ତେଣୁ କେନ୍ଦ୍ର ଓ ରାଜ୍ୟରେ ଶାସକ ଦଳକୁ ଗାଦିଚ୍ୟୁତ କରିବା ପାଇଁ ସିପିଆଇ, ସିପିଏମ୍, ଜେଏମ୍ଏମ୍ ମେଣ୍ଟ ହୋଇଛି । କୋରାପୁଟ ଲୋକ ସଭା ଆସନରେ ସପ୍ତଗିରି ଉଲାକା, ନବରଙ୍ଗପୁର ଆସନରେ ପ୍ରଦୀପ ମାଝୀ, ଜୟପୁର ବିଧାନସଭା ଆସନରେ ତାରାପ୍ରସାଦ ବାହିନୀପତିଙ୍କୁ ବିଜୟୀ କରିବା ପାଇଁ ସିପିଆଇ ପ୍ରଚାର ବେଳେ ଜନସାଧାରଣଙ୍କୁ ନିବେଦନ କରିଛି। ପ୍ରଚାର କାର୍ଯ୍ୟକ୍ରମରେ ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ବେଣୁମାଧବ ସାହୁ ପ୍ରମୁଖ କଂଗ୍ରେସ ସପକ୍ଷରେ ପ୍ରଚାର ଜୋରସୋର ଚଳାଇଛନ୍ତି।

# ହାଟରେ ଶକ୍ତି ଦେଖାଇଲେ ସବୁ ଦଳ



କୁନ୍ଦୁଲି ସାପ୍ତାହିକ ହାଟରେ କଂଗ୍ରେସ ପ୍ରାର୍ଥୀ ରାମଚନ୍ଦ୍ର କାଡ଼ାମ ପ୍ରଚାର କରୁଛନ୍ତି ।

ପଟ୍ଟାଙ୍ଗି,୬।୪(ଡି.ଏନ୍.ଏ.)

ସାଧାରଣ ନିର୍ବାଚନରେ ଭୋଟ୍ ଗ୍ରହଣକୁ ଆଉ ମାତ୍ର ୪ ଦିନ ବାକି ଥିବାବେଳେ ରାଜନୈତିକ ଦଳଗୁଡିକ ପ୍ରଚାର ଜୋରଦାର କରିବା ସହ ଶୁକ୍ରବାର ସାପ୍ତାହିକ ହାଟରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ପଟ୍ଟାଙ୍ଗି ବ୍ଲକ ଅଧୀନସ୍ଥ ମାଳିପୁଟ ପଞ୍ଚାୟତ ଅନ୍ତର୍ଗତ କୁନ୍ଦୁଲି ସାପ୍ତାହିକ ହାଟରେ ବ୍ଲକ କଂଗ୍ରେସର ୨ଟି ଜୋନ ସଭାପତି ନୃସିଂହ ନାଥ ବେହେରା ଓ ଶୁକ୍ରା ଖରାଙ୍କ ନେତୃତ୍ୱରେ ଶତାଧିକ ବାଇକ ରାଲିରେ ଯୋଗଦେବା ସହ ଦଳର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମଙ୍କ ପାଇଁ ଭୋଟ୍ ନିବେଦନ କରାଯାଇଛି। ସଭାରେ କାଡାମ ଜନତାଙ୍କୁ କହିଥିଲେ ଯେ, ରାଜ୍ୟରେ ୧୯ ବର୍ଷ ଧରି ଶାସନ ଗାଦିରେ ବସି ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କ ସମେତ ଗ୍ରାମାଞ୍ଚଳର ଜନସାଧାରଣ ଓ ଚାଷୀଙ୍କୁ ଲୁଟିଛନ୍ତି ବିଜେଡି ସରକାର। ଏବେ ପୁଣି କାଳିଆ ଯୋଜନା ନାଁରେ ନିଜ ଦଳର ସମର୍ଥକଙ୍କ ସଞ୍ଚୟ ଖାତାକୁ ଟଙ୍କା ବାଣ୍ଟି ଚାଷୀଙ୍କ ସରଳତାକୁ ଉପହାସ କରିଛନ୍ତି। ଏଭଳି ସରକାରକୁ ଦୃଢ଼ ଜବାବ ଦେବାର ସମୟ ଆସିଯାଇଛି। ତେଣୁ ହାତ ଚିହ୍ନରେ ଭୋଟ ଦେଇ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କାଡାମ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବି ଖରା, ମୁର୍ଜା ବତ, ଉମେଲ ଜଗା, ଘେନୁ ନାରାଜି, ରବୀନ୍ଦ୍ର ଖରା, ଜଗତ ରାଏ ଖରା, ତାମେଲ କତାନା, ଦାମୋଦର ଗୁଣ୍ଠା, ରାଜେନ୍ଦ୍ର କୁଲଦିପ, ଅଭି ଲବୁଡୁ ବାରିକ, ଗୋବିନ୍ଦ ଖରା, ସେମିଳିଗୁଡ଼ା ବ୍ଲକ ଦୁଇ ଜୋନ୍ ସଭାପତି ସିନିୟା ମାଝୀ, ଜଗତରାଏ ଖିନବୁଡି, ନନ୍ଦପୁର ବ୍ଲକର ଦୁଇ ଜୋନ୍ ସଭାପତି ଗୋପାଳ ମାଟାମ, କାମେସ କାମଡି, ସିଲମଣି ବେନିଆ, ଏସ୍. ସୁରାମାଁ ଉପସ୍ଥିତ ଥିଲେ।

ସେହିପରି ଭାଜପା ମଧ ନିର୍ବାଚନୀ ପ୍ରଚାର ଜୋରଦାର କରିଛି। ଉକ୍ତ ଦଳର ରଞ୍ଜିତ କୁମାର ପାଣିଗ୍ରାହୀ, ଏସ୍. ନାରାୟଣ ରାଓ ପ୍ରମୁଖଙ୍କ ସମେତ ଦଳୀୟ କର୍ମୀ ନିଜ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ପାଙ୍ଗିଙ୍କୁ ନେଇ ଏକ ରୋଡ ଶୋ କରିଛନ୍ତି। ଏହାପରେ ଅନୁଷ୍ଠିତ ସଭାରେ ହାଟକୁ ଆସିଥିବା ଲୋକମାନଙ୍କୁ ରାଜ୍ୟ ସରକାରଙ୍କ ଅପାରଗତା, ନାରୀ ନିର୍ଯାତନା ବୃଦ୍ଧି ଭଳି ପ୍ରସଙ୍ଗ ଉଠାଇବା ସହ କେନ୍ଦ୍ର ସରକାରଙ୍କ ସଫଳ ଯୋଜନାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଭାଜପାକୁ ଭୋଟ୍ ଦେବା ପାଇଁ କହିଥିଲେ। ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ଜଗତ ଜ୍ୟୋତି ପାଙ୍ଗି ବାପା ତଥା ଭାଜପା ଲୋକସଭା ପ୍ରାର୍ଥୀ ଜୟରାମ ପାଙ୍ଗିଙ୍କ ପାଇଁ ଭୋଟ୍ ନିବେଦନ କରିଥିଲେ। ଅନ୍ୟପକ୍ଷରେ ବିଏସ୍ପିର ବିଧାୟକ ପ୍ରାର୍ଥୀ ମୁରଲିଧର ଗୁଣ୍ଠା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ଚୈତନ୍ୟ ନନ୍ଦବାଲି ନିଜ ସମର୍ଥକଙ୍କୁ ନେଇ ରୋଡ ଶୋ କରି ଭୋଟ ପାଇଁ ପ୍ରଚାର କରିଥିଲେ।

# ଭୋଟରଙ୍କୁ ସୁଯୋଗ ମାଗିଲେ ପ୍ରାର୍ଥୀ

ଲକ୍ଷ୍ମୀପୁର,୬।୪

## → ଲକ୍ଷ୍ମୀପୁରରେ ପ୍ରଚାର ଜୋରଦାର ←

କୋରାପୁଟ ଜିଲା ଲକ୍ଷ୍ମୀପୁରରେ ଶନିବାର ବିଭିନ୍ନ ଦଳର ପ୍ରାର୍ଥୀମାନେ ନିର୍ବାଚନୀ ପ୍ରଚାର ଜୋରଦାର କରିଛନ୍ତି। ଲୋକମାନଙ୍କ ପାଖକୁ ଯାଇ ଭୋଟ୍ ଭିକ୍ଷା କରିବା ସହ ଶୋଭାଯାତ୍ରା ଓ ସାଧାରଣ ସଭା କରି ସେମାନଙ୍କୁ ବିଭିନ୍ନ ପ୍ରତିଶ୍ରୁତି ସବୁ ଦେଇଛନ୍ତି। କଂଗ୍ରେସ ବିଧାୟକ ପ୍ରାର୍ଥୀ କୈଳାସ ଚନ୍ଦ୍ର କୁଲେସିକା, ଜିଲା କାର୍ଯ୍ୟକାରୀ ସଭାପତି ରୂପକ ତୁରୁକ, ଜିଲା ଉପସଭାପତି କୈଳାସ ଖୋସ୍ଲା, ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା ପ୍ରମୁଖ ହଜାର ହଜାର ସମର୍ଥକଙ୍କ ସହ କଂଗ୍ରେସ କାର୍ଯ୍ୟାଳୟରୁ ବାଜା ବାଜଣା ସହ ବିରାଟ ଶୋଭାଯାତ୍ରାରେ ବାହାରି ଶନିବାର ସାପ୍ତାହିକ ହାଟ ନିକଟରେ ସଭାକାର୍ଯ୍ୟ ସ୍ଥଳରେ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପୁନର୍ବାର କଂଗ୍ରେସ ଜିତିଲେ ଏ ଅଞ୍ଚଳର ବିକାଶ ହେବ ବୋଲି କହି ଭୋଟ୍ ମାଗିଥିଲେ। ସେହିପରି ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନି, ଲୋକସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା, ଏମ୍ପି ଝିନ ହିକ୍କା, ଲକ୍ଷ୍ମୀପୁର ବ୍ଲକ ସଭାପତି ଦ୍ରୋଣ ଖୋସ୍ଲା, ରାଜ୍ୟ ସମବାୟ ସଦସ୍ୟ ରାଧେଶ୍ୟାମ ଜାନି, ଲକ୍ଷ୍ମୀପୁର ବଜାର ଛକଠାରୁ ସମର୍ଥକଙ୍କ ସହ ବାହାରି ହାଟ ପରିସର ସଭାସ୍ଥଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକମାନଙ୍କୁ ବୁଝାଇ ଭୋଟ୍ ଭିକ୍ଷା କରିଥିଲେ। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ କୁମୁଦ ଚନ୍ଦ୍ର ସାଉଁତା, ବରିଷ୍ଠ ନେତା ଉଦୟ ହିକ୍କା, ଅନନ୍ତ ହିକ୍କା, ବାବୁଲା ମହାରଣା, କାକିରିଗୁମ୍ମା ମଣ୍ଡଳ ସଭାପତି ଟଙ୍କଧର ସାହୁ ଏବଂ ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରାରେ ବାହାରି ହାଟ ସଭାସ୍ଥଳରେ କେନ୍ଦ୍ର ସରକାରଙ୍କ ଯୋଜନା ଓ ୧୯ ବର୍ଷ ବିଜେଡି ସରକାରଙ୍କ ବିଫଳତା ଉପରେ ବର୍ଷିଥିଲେ ଓ ଭୋଟ୍ ଭିକ୍ଷା କରିଥିଲେ। ବିଏସ୍ପି ବିଧାୟକ ପ୍ରାର୍ଥୀ ଅନିତା ସଗରିଆ, ଜିଲା ସଭାପତି ସୋମନାଥ ଖରା, ରାଜ୍ୟ ମହିଳା ସଭାନେତ୍ରୀ ଖ୍ରୀଷ୍ଟମଣି ତୁରୁକ, ବିଏସ୍ପି ପ୍ରଭାରୀ କୃଷ୍ଣ ସଗରିଆ ଓ ସମର୍ଥକଙ୍କ ସହ ହାଟପଦାରେ ରାଜ୍ୟ ସରକାରଙ୍କ ଅପାରଗତା ସହ ଏହି ରାଜ୍ୟରେ ନାରୀ ନିର୍ଯାତନା, କୁନ୍ଦୁଲି, ଇତିଶ୍ରୀ, ବେବିନା ପ୍ରସଙ୍ଗ ଉଠାଇ ଶାସକ ବିଜେଡି ଉପରେ ବର୍ଷିଥିଲେ। ଶନିବାର ସାପ୍ତାହିକ ହାଟରେ ବହୁ ସମାଗମ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଲକ୍ଷ୍ମୀପୁର ଏସ୍ଡିପିଓ ଅଶ୍ୱିନ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା।



ଲକ୍ଷ୍ମୀପୁରରେ କଂଗ୍ରେସ ପ୍ରାର୍ଥୀ କୈଳାସ କୁଲେସିକା ପ୍ରଚାର କରୁଛନ୍ତି ।



ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକ୍କା ଓ ପ୍ରଭୁ ଜାନିଙ୍କ ପାଇଁ ଝିନ ହିକ୍କା ପ୍ରଚାର କରୁଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଏପ୍ରିଲ ୭/୨୦୧୯ Rayagada, Sunday, April. 7 / 2019



ସେମିଳିଗୁଡ଼ାରେ ହିନ୍ଦୁ ନବବର୍ଷ ଉପଲକ୍ଷେ ଶନିବାର ଆର୍‌ଏସ୍‌ଏସ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରିବାବେଳେ ଭାରତମାତାଙ୍କ ପୂଜାର୍ଚ୍ଚନା କରୁଛନ୍ତି ସ୍ଥାନୀୟ ମହିଳା।




କୋଟପାଡ଼ ସ୍ଥିତ ଭକ୍ତିସ୍ୱରୂପ ବିଦ୍ୟା ନିକେତନ ଇଂରାଜୀ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଅବସରରେ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ଛାତ୍ରୀଛାତ୍ର।




ମାଥାଲପୁଟ ମାଲୁ ସାଉନ୍ତା ହାଇସ୍କୁଲ, ନାଲକୋ ଶିଳ୍ପାଞ୍ଚଳ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ସ୍କାଉଟ୍ ଓ ଗାଇଡ୍ ରାଜ୍ୟସ୍ତରୀୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ରାଜ୍ୟପାଳଙ୍କଠାରୁ ପ୍ରମାଣପତ୍ର ପାଇଛନ୍ତି।

# ତେଲୁଗୁ ସଂପ୍ରଦାୟର 'ଉଗାଦି' ପାଳିତ

ଜୟପୁର,୬।୪(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରରେ ତେଲୁଗୁ ସଂପ୍ରଦାୟର ନୂତନବର୍ଷ ଉଗାଦି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ତେଲୁଗୁ ସଂପ୍ରଦାୟ ପକ୍ଷରୁ ନିଜ ଗୃହ ସମ୍ମୁଖରେ ବିଭିନ୍ନ ରଙ୍ଗର ମୁରୁଜରେ ଝୋଟି ଦେବା ସହିତ ମିଳିତ ଭାବେ ପରିବାରର ସମସ୍ତେ ଗୃହର ବିଭିନ୍ନ ପିଠା ଓ ବ୍ୟଞ୍ଜନ ତିଆରି କରିବା ସହିତ ପୂଜାର୍ଚ୍ଚନା କରିଥିଲେ। ସେହିପରି ପରମ୍ପରା ଅନୁଯାୟୀ ନୂତନ ବସ୍ତ୍ର, ସୁନା ଏବଂ ଅନ୍ୟ ସାମଗ୍ରୀ କିଣିଥିଲେ। ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ଚୈତ୍ର ଶୁକ୍ଳ ପ୍ରତିପଦାକୁ ନୂତନ ବର୍ଷ ଭାବେ ପାଳନ କରିଥିଲେ। ସେହିପରି ତରୁଣ ପ୍ରଜ୍ଞା ଭାରତୀ ପକ୍ଷରୁ ପ୍ରତ୍ୟେକ ୱାର୍ଡରେ ମହିଳାମାନଙ୍କ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳାମାନେ ନିଜ ଘର ସମ୍ମୁଖରେ ଝୋଟି ଦେଇଥିଲେ। ପ୍ରତ୍ୟେକ ୱାର୍ଡ ପିଛା ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ମହିଳା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂସ୍ଥା ପକ୍ଷରୁ ବିଚାରକମାନେ ବୁଲି ବୁଲି ଶ୍ରେଷ୍ଠଙ୍କୁ ଚୟନ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



ଉଗାଦି ପାଇଁ ବାଳିକାମାନେ ମୁରୁଜ ପକାଉଛନ୍ତି।

# ନେତାଜୀଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ ଦୁର୍ବୃତ୍ତ

## ■ କାର୍ଯ୍ୟାନୁଷ୍ଠାନ ଦାବିକଲା ଜିଲା ସ୍ମାରକୀ କମିଟି

କୋରାପୁଟ,୬।୪(ସ୍ୱ.ପ୍ର.)

କୋରାପୁଟ ସହରରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସହରର ଗୁଣ୍ଡିଚା ମନ୍ଦିର ଛକଠାରେ ସ୍ଥାପନ କରାଯାଇଥିବା ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିକୁ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଭାଙ୍ଗିଦେଇଛନ୍ତି। ପ୍ରତିମୂର୍ତ୍ତିର ଦୁଇ ହାତ ଭାଙ୍ଗିଯାଇ ଥିବାବେଳେ ତରବାରୀ ତଳେ ପଡ଼ିଥିଲା। ଏନେଇ ଜିଲା ସ୍ମାରକୀ କମିଟି ଓ ସହରର ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତକରି ଏଥିରେ ସମ୍ପୃକ୍ତ ଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଶନିବାର ରାଷ୍ଟ୍ରୀୟ ନବବର୍ଷ ଓ ବର୍ତ୍ତମାନ ନିର୍ବାଚନ ସମୟ ଚାଲିଥିବା ବେଳେ ଶାନ୍ତିପ୍ରିୟ ସହରରେ ଅଶାନ୍ତି ସୃଷ୍ଟି କରିବା ପାଇଁ ଦୁର୍ବୃତ୍ତମାନେ ଏପରି ଘଟାଇଥିବା ଆଲୋଚନା ହେଉଛି। ଜିଲା ସ୍ମାରକୀ କମିଟି ପକ୍ଷରୁ ଅରୁଣ କୁମାର ଦାସ କୋରାପୁଟ ଟାଉନ ଥାନା ଓ କୋରାପୁଟ ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କୁ ଅବଗତ କରିଛନ୍ତି। ଯୁବକ ଓ ବୁଦ୍ଧିଜୀବୀ ଗୁଣ୍ଡିଚା ଛକରେ ଘଟଣା ପରେ ସହରର ଶତାଧିକ ପହଞ୍ଚି ଘଟଣାରତୀବ୍ର ନିନ୍ଦା କରିଛନ୍ତି।



ଭାଙ୍ଗିଯାଇଥିବା ପ୍ରତିମୂର୍ତ୍ତି।

# ମୁଖ୍ୟରାସ୍ତା ଅବରୋଧମୁକ୍ତ କରିବାକୁ ଦାବି

ଦାମନଯୋଡ଼ି,୬।୪(ସ୍ୱ.ପ୍ର.)

ଦାମନଯୋଡ଼ି ଥାନା ଅଧୀନସ୍ଥ ମାଥାଲପୁଟ ବଜାର ଦେଇ ଯାଇଥିବା ମୁଖ୍ୟରାସ୍ତାଟି ଉଠା ବେପାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ରାସ୍ତାର ଅଧିକାଂଶ ସ୍ଥାନରେ ବାଲି, ଗୋଡି, ଘର ତିଆରି ଉପକରଣ ତଥା ଅଳିଆ ଆଦି ଗଦା କରି ରଖୁଥିବା ବେଳେ ଅଧିକାଂଶ ସମୟରେ ରାସ୍ତା ଉପରେ ଗାଡି ମୋଟର ପାର୍କିଂ ହେଉଥିବା କାରଣରୁ ରାସ୍ତା ଜାମ୍ ରହୁଛି। ପ୍ରତ୍ୟେକ ଗୁରୁବାର ଓ ରବିବାର ରାସ୍ତାର ଦୁଇ ପାର୍ଶ୍ୱରେ ଉଠା ବେପାରୀ ରାସ୍ତାକୁ ଅବରୋଧ କରି ବେପାର କରୁଥିବା କାରଣରୁ ଗାଡ଼ି ମୋଟର ଯିବା ଆସିବା କରିବାରେ ଅସୁବିଧା ହେଉଛି। ଏହି ରାସ୍ତା ଦେଇ ମଧ୍ୟ ନାଲକୋ କମ୍ପାନୀର ମାଇନ୍ସ ବସ୍, ଭାରୀ ଯାନବାହାନ ଓ ବସ୍ ଯାତାୟତ କରୁଛି। ବିଗତ ଦିନରେ ସ୍ଥାନୀୟ ପୋଲିସ ପକ୍ଷରୁ ଯାନବାହାନଗୁଡିକୁ ମାଥାଲପୁଟର ବାଇପାସ୍ ରାସ୍ତା ଦେଇ ମୁଖ୍ୟରାସ୍ତାକୁ ପଠାଯାଉଥିଲା। ଏହି ରାସ୍ତା ଅବରୋଧ ମୁକ୍ତ କରାଯିବାକୁ ଉଠା ବେପାରୀ ତଥା ଜିନିଷପତ୍ର ଗଦା କରୁଥିବା ଲୋକମାନଙ୍କୁ ବାରମ୍ବାର ଅବଗତ ତଥା ସଚେତନ କରାଯାଇଥିବା ସତ୍ତ୍ୱେ ଏହାର କୌଣସି ସୁଫଳ ମିଳିପାରୁନାହିଁ। ତେଣୁ ମୁଖ୍ୟରାସ୍ତାକୁ ଅବରୋଧ ମୁକ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।



ମାଥାଲପୁଟ ବଜାର ମୁଖ୍ୟରାସ୍ତାରେ ବିପର୍ଯ୍ୟସ୍ତ ଟ୍ରାଫିକ୍।




# ଧବଳପୁର ଶମ୍ଭୁଙ୍କ ପ୍ରଚାର

ଶେରଗଡ଼,୬।୪ (ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଧବଳପୁର ଓ ପିତଳ ପଞ୍ଚାୟତରେ ଶନିବାର ହିଞ୍ଜିଳିକାଟୁ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀ ପ୍ରଚାର କରିଛନ୍ତି। ସେ ନରେନ୍ଦ୍ରପୁର ଓ ପିତଳ ଗ୍ରାମରେ ବହୁ କଂଗ୍ରେସ କର୍ମୀଙ୍କ ସହ ସାହି ପରିକ୍ରମା କରି ଭୋଟ ମାଗିଥିଲେ।

# ହିନ୍ଦୁ ନବବର୍ଷ ପାଳିଲା ଆର୍‌ଏସ୍‌ଏସ୍

ଜୟପୁର,୬।୪(ଡି.ଏନ୍.ଏ.)

ଜୟପୁର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ପକ୍ଷରୁ ଶନିବାର ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ସୂର୍ଯ୍ୟମହଲ ପଡ଼ିଆରେ ଆରଏସ୍‌ଏସ୍ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ଶନିବାରରୁ ନୂତନବର୍ଷ ଆରମ୍ଭ ହେଉଛି। ଗତ ଶୁକ୍ରବାର ଅମାବାସ୍ୟା ପରେ ଶନିବାର ବୈଶାଖ ମାସ ପ୍ରଥମ ଦିବସ ଭାବେ ପାଳନ କରାଯାଇଛି। ଜିଲା ଶାଖା ଚାଳକ ସତ୍ୟପ୍ରିୟ ସୁଆର, ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର, ନଗର କାର୍ଯ୍ୟବାହକ ବିଷ୍ଣୁ ପ୍ରସାଦ ସାହୁ, ନଗର ସମ୍ପର୍କ ପ୍ରମୁଖ ସାନ ଚୌଧୁରୀ ଉପସ୍ଥିତ ଥିଲେ।




# ନାଲି ରେଡିୟମ୍ ନଥାଇ ରାତିରେ ବୁଲୁଛନ୍ତି ଗାଈଗୋରୁ

ସୁନାବେଡ଼ା,୬।୪(ଡି.ଏନ୍.ଏ.)

ସୁନାବେଡ଼ା ସହରରେ ବୁଲା ଗାଈଗୋରୁଙ୍କ ପାଇଁ ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଏହା ବନ୍ଦ ହୋଇଯାଇଛି। ଫଳରେ ମାଲିକମାନେ କ୍ଷୀର ବାହାର କରିବା ପରେ ଗାଈମାନଙ୍କୁ ଚରିବା ପାଇଁ ବାହାରକୁ ଛାଡ଼ି ଦେଉଛନ୍ତି। ଯାହାଦ୍ୱାରା ଗାଈମାନେ ରାସ୍ତାରେ ବୁଲି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛନ୍ତି। ଏପରିକି ବୁଲାଗାଈ ଗୋରୁଙ୍କୁ ଚିହ୍ନଟ କରିବା ପାଇଁ ତଥା ରାତିରେ ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଗାଈ ଗୋରୁଙ୍କ ଶିଙ୍ଗରେ ନାଲି ରେଡିୟମ୍ ରଙ୍ଗ ଲଗାଇବା କଥା। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ନାଲି ରେଡିୟମ୍ ଲଗାଯାଇ ଥିବା ଗାଈଗୋରୁ ଦେଖାଯାଉ ନାହାନ୍ତି। ପୌରପରିଷଦର ନିର୍ବାହୀ ଅଧିକାରୀ ଏନେଇ ବହୁଥର ପ୍ରତିଶ୍ରୁତି ଦେଇ ଫେଲ୍ ହୋଇଛନ୍ତି। ପୁନର୍ବାର ଜରିମାନା ଆଦାୟ ହେଲେ ଏହା ସମ୍ପୂର୍ଣ୍ଣ ସୁଧୁରିବ ଏବଂ ପୁଣିଥରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ସାଧାରଣରେ ଦାବି ହେଉଛି।

# ଭାଜପା ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଶେରଗଡ,୬।୪(ଡି.ଏନ୍.ଏ.)

ଶେରଗଡସ୍ଥିତ ଚାରିଛକ ନିକଟରେ ଶନିବାର ସନ୍ଧ୍ୟାରେ ଭାଜପା ନିର୍ବାଚନ କାର୍ଯ୍ୟାଳୟ ଖୋଲାଯାଇଛି। ଏହାକୁ ହିଞ୍ଜିଳିକାଟୁ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ରିବନ୍ କାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାନନ୍ଦ ମହାପାତ୍ର, ବ୍ଲକ କୃଷକ ମୋର୍ଚ୍ଚା ସଭାପତି ବୃନ୍ଦାବନ ଦାସ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ କଂସ ସ୍ୱାଇଁ ଉପସ୍ଥିତ ଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ।

## ସଂକ୍ଷେପରେ



### ଭୋଟ ଗଜପତି ଲୋଗୋ ଉନ୍ମୋଚିତ

**ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.) :** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସାଇକେଲ ଶୋଭାଯାତ୍ରା ମାଧମରେ ଭୋଟ ଗଜପତି ଲୋଗୋ ଉନ୍ମୋଚିତ ହୋଇଯାଇଛି। ସାଇକେଲ ଶୋଭାଯାତ୍ରା ମାଧମରେ ଭୋଟର ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲାପାଳ ଅନୁପମ ଶାହା ଓ ଅତିରିକ୍ତ ଜିଲାପାଳ ସୁଧା ଦେବସିଂ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଛାତ୍ରୀଛାତ୍ରମାନେ ମଧ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜିଲାପାଳ ମଧ ସାଇକେଲ ଚଳାଇ ଶୋଭାଯାତ୍ରାରେ ଭାଗ ନେଇଥିଲେ । ଏହି ଶୋଭାଯାତ୍ରା ମାଧମରେ ମୁଖ୍ୟତଃ ସମସ୍ତ ଜନସାଧାରଣ ଯେପରି ଭୋଟ ଦାନରେ ସାମିଲ ହେବେ ଏବଂ ଗୋଟିଏ ଭୋଟ କେତେ ଗୁରୁତ୍ୱପୂର୍ଣ୍ଣ ସେ ନେଇ ସଚେତନତା କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା, ଜିଲା କ୍ରୀଡାଧିକାରୀ ପ୍ରଭାକର ତ୍ରିପାଠୀ, କ୍ରୀଡା ଶିକ୍ଷକ ପ୍ରିୟଦର୍ଶୀ ମିଶ୍ର, ସଂଗୀତ ଗୁରୁ ରଘୁନାଥ ପାତ୍ରଙ୍କ ସହ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

### କଂଗ୍ରେସର ପ୍ରଚାର ଜୋର ଧରିଲା



**ମାଲକାନଗିରି,୬।୪ (ଡି.ଏନ୍.ଏ.):** ଶୁକ୍ରବାର ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାଲକାନଗିରି ଜିଲାର ଦୁଇଟି ସ୍ଥାନରେ ନିର୍ବାଚନ ପ୍ରଚାର କରିଥିବା ବେଳେ ଶନିବାର କଂଗ୍ରେସ ତରଫରୁ ଏମପି ପ୍ରାର୍ଥୀ ପ୍ରଦୀପ ମାଝି ଓ ବିଧାୟକ ପ୍ରାର୍ଥୀ ମାଲା ମାଡି ଏକ ବାଇକ୍ ରାଲିରେ ପ୍ରଚାରକୁ ଜୋରଦାର କରିଛନ୍ତି। ପଟେରୁ, କାଲିମେଲା, ଏମ୍.ଭି. ୭୯ ଏବଂ ପଡିଆ ଅଞ୍ଚଳରେ ମାଝୀ ପ୍ରଚାର କରିଥିଲେ । ସହରର ପ୍ରତ୍ୟେକ ସାହି ବୁଲି ବିଗତ ୨୦ ବର୍ଷ ମଧରେ ବିଜେଡି ସରକାର ମାଲକାନଗିରି ଜିଲ୍ଲାର ବିକାଶ ପ୍ରତି ଦୃଷ୍ଟି ନ ଦେବା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ, ଜଳସେଚନ, ଜଙ୍ଗଲଜମି ପଟା, ଜାତିଗତ ପ୍ରମାଣପତ୍ର ପ୍ରଦାନରେ ଅବହେଳା କରି ଆସଛି ବୋଲି ଲୋକଙ୍କୁ ବୁଝାଇଥିଲେ। ତାଙ୍କ ସହ ଜିଲା କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ, ପି. କେଶୁ ରାଓ, ପଦ୍ମ ପାଙ୍ଗି, ଜି. ଶ୍ରୀନିବାସ ରାଓଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

### ଓକିଲ ସଂଘ ନୂତନ କର୍ମକର୍ତ୍ତା ଜିଲା ଜଜ୍, ଏସ୍‌ଡିଜେଏମ୍‌ଙ୍କୁ ସମ୍ବର୍ଦ୍ଧନା

**ମାଲକାନଗିରି,୬।୪(ସ୍ୱ.ପ୍ର.):** ମାଲକାନଗିରି ବାର ଆସୋସିଏଶନର ନୂତନ କର୍ମକର୍ତ୍ତା, ନୂତନ ଭାବେ ଯୋଗ ଦେଇଥିବା ଜିଲା ଜଜ୍ ଓ ଏସ୍‌ଡିଜେମ୍‌ଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଏସ୍‌ଡିଜେଏମ୍‌ଙ୍କ କୋର୍ଟ ପରିସରରେ ଏକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ମାଲକାନଗିରି ଜିଲା ଜଜ୍ ଭାବେ ରୋହିତଲାଲ ପଣ୍ଡା ଓ ଏସ୍‌ଡିଜେଏମ୍ ଭାବେ କୃଷ୍ଣଚନ୍ଦ୍ର ନାୟକ ଦାୟିତ୍ୱ ଯୋଗ ଦେଇଛନ୍ତି। ଅନ୍ୟପକ୍ଷରେ ବାର୍ ଆସୋସିଏଶନ ନିର୍ବାଚିତ ହୋଇଥିବା କର୍ମକର୍ତ୍ତା ସଭାପତି ଭାବେ ନୃସିଂହ ଚରଣ ମହାନ୍ତି, ଉପସଭାପତି ବିଜୁ ସରକାର, ସମ୍ପାଦକ ଲମ୍ବୋଧର ତୁରୁକ୍, ସହସମ୍ପାଦକ ହୃଷୀକେଶ ପଣ୍ଡା ଓ କୋଷାଧକ୍ଷ ଭାବେ ଭବୋତୋଷ ବିଶ୍ୱାସଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ପ୍ରଜ୍ଞା ନଳିନୀ ମିଶ୍ର, ସିଜିଏମ୍ ଦେବାଶିଷ ପଣ୍ଡା, ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ସବ୍‌ଜଜ୍ ସୁଚେତା କୃପାଳିନୀ, ଜେଏମ୍‌ଏଫ୍‌ସି ଅସିତ କୁମାର ସିଂ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ । ବରିଷ୍ଠ ଆଇନଜୀବୀ ବିଜୟ କୁମାର ମହାନ୍ତି ଓ ଭୁଦେବ ମହାନନ୍ଦିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

■ ଠିକା କର୍ମଚାରୀଙ୍କ ଆନ୍ଦୋଳନ

# ସହରରେ ଜଳ ଯୋଗାଣ ବାଧାପ୍ରାପ୍ତ

**ବାଲିମେଳା,୬।୪(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ଜଳବିଦ୍ୟୁତ୍ ନିଗମ ଅଧୀନରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀ ଶନିବାର ଧର୍ମଘଟ କରିଛନ୍ତି। ଫଳରେ କାଲିମେଳା ସହରକୁ ଜଳ ଯୋଗାଣ ବନ୍ଦ ରହିଛି। ଏକ ଠିକାସଂସ୍ଥା ପକ୍ଷରୁ ଶ୍ରମିକଙ୍କୁ ନିଆଯାଇ ସହରର ଜଳଯୋଗାଣ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗତ ୩ ମାସ ହେଲା ସମ୍ପୃକ୍ତ ଠିକାସଂସ୍ଥା କର୍ମଚାରୀଙ୍କୁ ଦରମା ଦେଇନାହିଁ। ଏନେଇ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଏ ସମ୍ପର୍କରେ ଜଳ ବିଦ୍ୟୁତ୍ କେନ୍ଦ୍ରର ବରିଷ୍ଠ ପରିଚାଳକ ଶିବପ୍ରସାଦ ପାଣିଗ୍ରାହୀଙ୍କୁ ଜଣାଇଥିଲେ। ଏହା ସତ୍ତ୍ୱେ ସେମାନଙ୍କ ଅସୁବିଧା ଦୂର କରାଗଲାନାହିଁ। ସେମାନେ ଦରମା ପାଇଲେ ନାହିଁ। ପରେ ଠିକା କର୍ମଚାରୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଠିକାସଂସ୍ଥାର ମାଲିକ ସୁଶାନ୍ତ କୁମାର ନାୟକଙ୍କୁ ଡାକି ଏନେଇ ପଚରାଉଚରା କରିଥିଲେ। ୨ ଦିନ ମଧରେ ସମସ୍ତ ଶ୍ରମିକଙ୍କ ଦରମା ଦେଇଦେବି ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଇତି ମଧରେ ସପ୍ତାହେ ବିତିଯାଇଥିଲେ ମଧ କର୍ମଚାରୀ ଦରମା ପାଇନାହାନ୍ତି। ଶେଷରେ ବାଧ ହୋଇ କର୍ମଚାରୀମାନେ ଶନିବାର ଧାରଣାରେ ବସିଥିଲେ। ଏଥିଯୋଗୁ ସହରରେ ଜଳ ଯୋଗାଣ ବନ୍ଦ ରହିଥିଲା। ଖବରପାଇ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ବୁଝାଶୁଝା କରିଥିଲେ ମଧ ଶ୍ରମିକମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ସମସ୍ତ କର୍ମଚାରୀ ବରିଷ୍ଠ ପରିଚାଳକଙ୍କ ବାସଭବନକୁ ଯାଇଥିଲେ। ସେଠାରେ ଦୀର୍ଘ ସମୟ ଆଲୋଚନା ପରେ ସନ୍ଧ୍ୟା ସୁଦ୍ଧା ସବୁ କର୍ମଚାରୀ ସେମାନଙ୍କ ବକେୟା ଦରମା ପାଇବେ ବୋଲି ପ୍ରତିଶ୍ରୁତି ଦେବା ପରେ କର୍ମଚାରୀମାନେ ଧାରଣାରୁ ହଟିଥିଲେ। ପରେ ସହରରେ ଜଳ ଯୋଗାଣ ହୋଇଥିଲା।



ବାଲିମେଳାରେ ଜଳଯୋଗାଣ ଠିକା କର୍ମଚାରୀ ଆନ୍ଦୋଳନ କରୁଛନ୍ତି।

## ବିଜେଡିର ୨ ଗୋଷ୍ଠୀକୁ ଏକାଠି କଲେ ପ୍ରଣବ

**ମାଲକାନଗିରି, ୬।୪ (ସ୍ୱ.ପ୍ର.)**

ମାଲକାନଗିରି ଜିଲା ମାଲକାନଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ମୁକୁନ୍ଦ ସୋଡିଙ୍କୁ ବିଜେଡି ପ୍ରାର୍ଥୀ କରିବା ପରେ ମାନସ ମାଡକାମୀ ବାଦ୍ ପଡିଥିଲେ। ପ୍ରଚାର ପ୍ରସାର ପାଇଁ ମାନସ ଗୋଷ୍ଠୀ ନୀରବ ରହିଥିଲେ। ମୁକୁନ୍ଦ ସୋଡି ପାଇଁ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ପ୍ରଚାରର ଭାର ନେଇଥିଲେ। ମାତ୍ର ଦଳରେ ଫାଟ ଯୋଗୁ ବିଜେଡି ପ୍ରାର୍ଥୀ ଜିତିବା ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଶନିବାର ପ୍ରଣବ ପ୍ରକାଶ ଦାସ ଏଥିରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ଉଭୟ ପକ୍ଷଙ୍କୁ ବସାଇ ସମସ୍ୟାର ସମାଧାନ କରିଛନ୍ତି। ଏକ ହେଲିକପ୍ଟର ଯୋଗେ ମାଲକାନଗିରି ବିଏସଏଫ କ୍ୟାମ୍ପ ନିକଟରେ ପହଞ୍ଚିବା ପରେ ସେଠାରୁ ମାନସ ମାଡକାମୀଙ୍କ ୫ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଅପେକ୍ଷା କରିଥିଲେ। ସେଠାରୁ ଏକ ମୋଟରସାଇକେଲ ରାଲିରେ ଆସି ମାନସ ମାଡକାମୀଙ୍କ ବାସଭବନରେ ସମସ୍ତେ ପହଞ୍ଚିଥିଲେ। ସେଠାକୁ ମୁକୁନ୍ଦ ସୋଡି ଓ ଅରବିନ୍ଦ ଢାଲି ମଧ ଆସିଥିଲେ। ମାନସଙ୍କ କର୍ମୀମାନଙ୍କ ସହ ଆଲୋଚନା ହୋଇଥିଲା। ସମସ୍ତେ ଏକାଠି ହୋଇ ନିର୍ବାଚନ ଲଢିବାକୁ ମୁକୁନ୍ଦ ଅନୁରୋଧ କରିଥିଲେ। ପରେ ପ୍ରଣବ ଉଭୟ ପକ୍ଷଙ୍କୁ ମିଶାଇବା ସହ ପୂର୍ବତନ ଜିଲା ବିଜେଡି ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡାଙ୍କୁ ଗୁରୁତ୍ୱ ଦେଇଥିଲେ। ଫଳରେ ଉଭୟ ପକ୍ଷ ମିଶି ନିର୍ବାଚନ କାର୍ଯ୍ୟକ୍ରମ କରିବାକୁ ସମ୍ମତି ଜଣାଇଥିଲେ। ଏନେଇ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି କହିଛନ୍ତି ଯେ, ଆମର ଆଉ କୌଣସି ମନାନ୍ତର କିମ୍ବା ମତାନ୍ତର ନାହିଁ। ସମସ୍ତେ ମିଶିକି ଲଢିବୁ ।



ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ପ୍ରଣବ ବୁଝାଶୁଝା କରୁଛନ୍ତି।

## ହ୍ୱିଲ ଚେୟାର ଶୋଭାଯାତ୍ରାରେ ଭୋଟରଙ୍କୁ ସଚେତନ କଲେ ଭିନ୍ନକ୍ଷମ

**ମାଲକାନଗିରି,୬।୪(ଡି.ଏନ.ଏ.)**

ମାଲକାନଗିରି ଜିଲାରେ ୪୪୫୬ ଜଣ ଭିନ୍ନକ୍ଷମ ରହିଛନ୍ତି। ସେମାନେ ଯେପରି ତାଙ୍କର ଗଣତାନ୍ତ୍ରିକ ଅଧିକାର ଭୋଟ ମାଧମରେ ସାବ୍ୟସ୍ତ କରିବେ ସେଥିପାଇଁ ଏକ ସଚେତନ ଶୋଭାଯାତ୍ରା ସେମାନେ ହ୍ୱିଲ ଚେୟାରରେ ମଧମରେ କରିଛନ୍ତି। ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ୭୦ଟି ହ୍ୱିଲ ଚେୟାରରେ ଭିନ୍ନକ୍ଷମ ମହିଳା ପୁରୁଷମାନେ ଶୋଭାଯାତ୍ରାରେ ବାହାରିଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ ଏବଂ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ୭୦ଟି ହ୍ୱିଲ ଚେୟାରରେ ବସିଥିବା ଭିନ୍ନକ୍ଷମଙ୍କୁ ଜିଲା କ୍ରୀଡା ଛାତ୍ରାବାସର ଛାତ୍ରୀଛାତ୍ରମାନେ ଚେୟାରରେ ବସାଇ ମୁଖ୍ୟ ରାସ୍ତା ଦେଇ ଡି.ଏନ.କେ. ଖେଳ ପଡିଆଠାରେ ପହଞ୍ଚିଥିଲେ । ସେଠାରେ ପିଡି ଡିଆରଡିଏ ଲିଙ୍ଗରାଜ ପଣ୍ଡା, ମାଲକାନଗିରି ଜିଲାର ଭିନ୍ନକ୍ଷମମାନେ ଯେପରି ସେମାନଙ୍କର ମତଦାନ କରିବେ ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରା ଯାଇଥିବା ସୂଚନା ଦେଇଥିଲେ। ଏଥିପାଇଁ ପ୍ରତି ବୁଥ୍‌ରେ ଭିନ୍ନକ୍ଷମଙ୍କ ଲାଗି ଦୁଇଜଣ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି।



ହ୍ୱିଲ୍ ଚେୟାରରେ ଭିନ୍ନକ୍ଷମମାନେ ସଚେତନତା ବାର୍ତ୍ତା ପ୍ରଚାର କରୁଛନ୍ତି।

## ୨ନାବାଳିକା, ଜଣେ ନାବାଳକ ନିଜ ଜିଲାକୁ ଫେରିଲେ

**ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ଶିଶୁ କଲ୍ୟାଣ ସମିତି ଦ୍ୱାରା କଟକସ୍ଥିତ ନ୍ୟୁଜ୍ ଇଣ୍ଡିଆ ହଷ୍ଟେଲରୁ ୨ ନାବାଳିକା ଓ ଜଣେ ନାବାଳକଙ୍କୁ ନିଜ ଜିଲା ଗଜପତିକୁ ଫେରାଇ ଅଣାଯାଇଛି । ଦୁଇ ଜଣ ନାବାଳିକାଙ୍କ ବୟସ ଯଥାକ୍ରମେ ୧୭ ଓ ୧୦ବର୍ଷ। ନାବାଳକଙ୍କ ବୟସ ୮ବର୍ଷ ବୋଲି ଜଣାପଡିଛି । ଗତ କିଛିବର୍ଷ ହେବ ଏମାନେ କଟକସ୍ଥିତ ଏହି ଶିଶୁ ହଷ୍ଟେଲରେ ରହି ପାଠ ପଢୁଥିଲେ । ମାତ୍ର ସେଠାକାର ଜିଲା ପ୍ରଶାସନ ଉକ୍ତ ହଷ୍ଟେଲକୁ କୌଣସି କାରଣରୁ ବନ୍ଦ କରି ଦେବା ପରେ କଟକ ଜିଲା ଶିଶୁ କଲ୍ୟାଣ ସମିତି ଏହି ୩ ଶିଶୁଙ୍କୁ ଗଜପତି ଜିଲା ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରିଥିଲେ। ଏଠାରେ ଏହି ୩ ଶିଶୁଙ୍କର ନିୟମ ମୁତାବକ ସମସ୍ତ ପ୍ରକାର କାଉନ୍‌ସେଲିଂ ହେବା ପରେ ସେମାନଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ୩ ଜଣ ଶିଶୁ ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ଅଞ୍ଚଳର ବୋଲି ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ବିନୋଦ ଚନ୍ଦ୍ର ଜେନା କହିଛନ୍ତି ।

## ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଓଡ଼ିଆ ସିନେତାରକା

**ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀରୁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୋଇଥିବା ଡ.ତିରୁପତି ପାଣିଗ୍ରାହୀଙ୍କ ସପକ୍ଷରେ ସିନେ ତାରକା ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ସହରର ୩ନଂ. ୱାର୍ଡରେ ଘରକୁ ଘର ବୁଲି ପାଣିଗ୍ରାହୀଙ୍କ ପାଇଁ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ଐଶ୍ୱର୍ଯ୍ୟା ବେହେରା ଭୋଟ ପାଇଁ ପ୍ରଚାର କରୁଛନ୍ତି। ଏହି ଓଡିଆ ଅଭିନେତ୍ରୀଙ୍କୁ ଦେଖିବା ପାଇଁ ପ୍ରବଳ ଭିଡ ଜମିଥିଲା । ତାଙ୍କ ସହ ପ୍ରଚାର କାର୍ଯ୍ୟରେ ୱାର୍ଡ ନଂ. ୩ର ପୂର୍ବତନ କାଉନ୍‌ସିଲର ଖଗେଶ୍ୱରୀ ବେହେରା, ଡ. ପାଣିଗ୍ରାହୀଙ୍କ ଦୁଇପୁଅ ସୁରେଶ ପାଣିଗ୍ରାହୀ, ରୂପେଶ ପାଣିଗ୍ରାହୀ ଏବଂ ତାଙ୍କ ଭାଇ ଅଶୋକ ପାଣିଗ୍ରାହୀଙ୍କୁ ମଧ ଦେଖିବାକୁ ମିଳିଥିଲା ।



ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ଓଡ଼ିଆ ସିନେ ତାରକା ପ୍ରଚାର କରୁଛନ୍ତି।



ମାଲକାନଗିରିରେ ଭାଜପା ମହିଳା ମୋର୍ଚ୍ଚାର ବାହାରିଥିବା ରାଲି।

## ଭାଜପାରେ ଯୋଗ ଦେଲେ ସରପଞ୍ଚ

**ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.)**



ପାରଳାଖେମୁଣ୍ଡିସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଗୋଷାଣୀ ବ୍ଲକ ବଡଗୋଷାଣୀ ଗ୍ରାମର ସରପଞ୍ଚ ଜି. କଳ୍ପନା ଭାଜପାରେ ସାମିଲ ହୋଇଛନ୍ତି । ସେ ପୂର୍ବରୁ ବିଜେଡିରେ ଥିଲେ। ନିକଟରେ ବିଜେଡିରୁ ଭାଜପାରେ ଯୋଗଦେଇଥିବା କେ. ନାରାୟଣ ରାଓଙ୍କ ନେତୃତ୍ୱକୁ ସମର୍ଥନ କରି ସେ ଭାଜପାରେ ସାମିଲ ହୋଇଥିବା ଜଣାପଡିଛି। ପାରଳାଖେମୁଣ୍ଡି ବିଧାନସଭାରୁ ରାଓଙ୍କୁ ଭାଜପା ପ୍ରାର୍ଥୀ କରିଛି। ଜି. ଶ୍ରୀଧର, ଭାଜପା ନେତା ତିରୁପତି ନାୟକ, ସୁନୀଲ ମହାପାତ୍ର, ପୂର୍ବତନ ନଗରପାଳ ପି. କ୍ରିଷ୍ଣା, ବାବୁଲା ପଟ୍ଟନାୟକ ଉପସ୍ଥିତ ଥିଲେ ।

## ଉଗାଦି ଅବସରରେ ବିଭିନ୍ନ ସାମଗ୍ରୀ ବଣ୍ଟନ

**ପାରଳାଖେମୁଣ୍ଡି, ୬।୪ (ସ୍ୱ.ପ୍ର.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଟ୍ରଷ୍ଟ ପକ୍ଷରୁ ତେଲୁଗୁ ନବବର୍ଷ ଉଗାଦି ଅବସରରେ ରାଶନ ସାମଗ୍ରୀ ଏବଂ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି । ଏହି ଅବସରରେ ୬୭ ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ ପ୍ରାୟ ଏକ ମାସ ପାଇଁ ବିଭିନ୍ନ ପ୍ରକାରର ରାଶନ ସାମଗ୍ରୀ ଏବଂ ନୂତନ ବସ୍ତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଅତିଥିଭାବେ ପଡୋଶୀ ଆନ୍ଧ୍ରର ତିରୁପତସ୍ଥିତ ନବଜୀବନ ଟ୍ରଷ୍ଟର ଆର୍.ଆନ୍ନା ସ୍ୱାମୀ, ଶିବରାମ କ୍ରିଷ୍ଣା ଏବଂ ପାରଳାଖେମୁଣ୍ଡି ନବଜୀବନ ଆଶ୍ରମର ଶାଖା ପରିଚାଳକ ଏସ୍.ବି.ରାମଣା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିବର୍ଷ ଉଗାଦି ଅବସରରେ ନବଜୀବନ ଟ୍ରଷ୍ଟ ପକ୍ଷରୁ ଏପରି କାର୍ଯ୍ୟକ୍ରମ ହୋଇଥାଏ ।



ଉଗାଦି ଅବସରରେ ଗରିବଙ୍କୁ ବସ୍ତ୍ର ବଣ୍ଟନ କରାଯାଉଛି।

## ଭାଜପା ମହିଳା ମୋର୍ଚ୍ଚାର ରାଲି

**ମାଲକାନଗିରି,୬।୪(ଡି.ଏନ.ଏ.)**

ଶନିବାର ମାଲକାନଗିରି ଭାରତୀୟ ଜନତା ପାର୍ଟି ମହିଳା ମୋର୍ଚ୍ଚା ତରଫରୁ ମହିଳାମାନେ ସ୍କୁଟିରେ ରାଲି କରି ପ୍ରଚାର କରିଛନ୍ତି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପୂର୍ଣ୍ଣିମା ମଜୁମଦାରଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ମହିଳା ସ୍କୁଟିରେ ମାଲକାନଗିରି ସଦର ମହକୁମାରୁ ବାହାରି ବିଭିନ୍ନ ପଞ୍ଚାୟତ ଏବଂ ଗ୍ରାମାଞ୍ଚଳ ବୁଲି ନବରଙ୍ଗପୁର ଏମପି ପ୍ରାର୍ଥୀ ବଳଭଦ୍ର ମାଝି ଓ ମାଲକାନଗିରି ବିଧାୟକ ପ୍ରାର୍ଥୀ ଆଦିତ୍ୟ ମାଢିଙ୍କ ପାଇଁ ପ୍ରଚାର କରିଥିଲେ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ଉନ୍ନୟନମୂଳକ ଓ ଜନହିତକର କାର୍ଯ୍ୟ ଏବଂ ଦେଶର ସୁରକ୍ଷା ନେଇ ତାଙ୍କର ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ।

## ଅବ୍ୟବସ୍ଥାରେ ବାଲିମେଳା ପ୍ରାଥମିକ ଚିକିତ୍ସାଳୟ

**କୋରୁକୋଣ୍ଡା,୬।୪ (ଡି.ଏନ.ଏ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବାଲିମେଳା ଏନ୍‌ଏସିର ପ୍ରାଥମିକ ଚିକିତ୍ସାଳୟ ବହୁ ଅବ୍ୟବସ୍ଥାରେ ଚାଲିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପଙ୍ଖା ଅଚଳ ହୋଇପଡିଛି। ଏନେଇ ରୋଗୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପଙ୍ଖା ମରାମତି କରାଯାଉନାହିଁ। ରୋଗୀମାନେ ବିଞ୍ଚଣାରେ ବିଞ୍ଚି ହେବାର ଦୃଶ୍ୟ ମଧ ଏଠାରେ ଦେଖିବାକୁ ମିଳୁଛି। ରାତିରେ କୌଣସି କର୍ମଚାରୀ ଡାକ୍ତରଖାନାରେ ରହୁ ନ ଥିବା ଅଭିଯୋଗ ଆସିଛି। ରାତିରେ ଡାକ୍ତରଖାନା ରୋଗୀ ଗୁରୁତର ହୋଇପଡିଲେ କିମ୍ବା କୌଣସି ଗୁରୁତର ରୋଗୀ ଆସିଲେ ଡାକ୍ତରଙ୍କୁ ତାଙ୍କ ବାସଭବନକୁ ଯାଇ ଡାକିବାକୁ ପଡୁଛି। ଏ ସମ୍ପର୍କରେ ମେଡିକାଲ ସ୍ୱାସ୍ଥ୍ୟ ଅଧିକାରୀ ଡା. ତନ୍ମୟ ଖମାରୀଙ୍କୁ ପଚାରିବାରୁ ସେ କହିଲେ ଯେ, ଅଚଳ ହୋଇଥିବା ପଙ୍ଖାଗୁଡିକ ଖୁବଶୀଘ୍ର ମରାମତି କରାଯିବ। ଡାକ୍ତରଖାନାରେ ରାତିରେ କୌଣସି କର୍ମଚାରୀ ନ ରହିବା ଅଭିଯୋଗକୁ ଖଣ୍ଡନ କରିଥିଲେ।



ବାଲିମେଳା ଏନ୍‌ଏସି ଡାକ୍ତରଖାନାରେ ଫ୍ୟାନ୍ ନ ଥିବାରୁ ରୋଗୀ କଷ୍ଟ ଭୋଗୁଛନ୍ତି।

